Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 43

ସାପ୍ତାହିକ

# ବଦର

The Weekly କାଦିଆନ
BADAR Qadian
ODIA

ବାର୍ଷିକ ଦେୟ: ୩୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 26 ଅକ୍ଟୋବର୍ 2017 26 ଇଖା 1396 ହି.ଶ 05 ସଫର୍ 1439 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ମୋ ନିମନ୍ତେ କୁଫର (ଅମାନ୍ୟକାରୀ)ର ଫତ୍‌ଓ୍ୱା ମଗାଗଲା ଓ ମୋ ତକ୍‌ଫିର୍ (ଅମାନ୍ୟକାରୀ ହେବା)ର ଦୁନିଆରେ ପ୍ରଚାର ଓ ପ୍ରସାର କରାଗଲା ଓ ମୋତେ ହତ୍ୟା କରିବା ପାଇଁ ଫତ୍‌ଓ୍ୱା ଦିଆଗଲା । ସରକାରଙ୍କୁ ଉକ୍‌ସାଗଲା । ସାଧାରଣ ଲୋକଙ୍କୁ ମୋ ଠାରୁ ଓ ମୋ ଯମାତ୍ ଠାରୁ ବେଜାର୍ କରାଇ ଦିଆଗଲା । ସୁତରାଂ ମୋର ବିନାଶ ପାଇଁ ସବୁ ପ୍ରକାର ଚେଷ୍ଟା କରାଗଲା କିନ୍ତୁ ଖୁଦାତାଲାଙ୍କ ପେଶ୍‌ଗୋଇ ଅନୁସାରେ ଏହି ସବୁ ମୌଲବୀମାନେ ଓ ତାଙ୍କ ପରି ଅନ୍ୟ ଲୋକମାନେ ମଧ୍ୟ ନିଜ ଚେଷ୍ଟାରେ ଅସଫଳ ହେଲେ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

୭୭-ଶତସ୍ତରୀତମ ନିଦର୍ଶନ - ମୋ ପୁଅ ବଶିର୍ ଅହେମଦ୍ ଆଖି ରୋଗରେ ଏପରି ପିଡ଼ିତ ଥିଲେ ଯେ କୌଣସି ପ୍ରକାର ଔଷଧ କାମ ଦେଉନଥିଲା । ସେଥିଯୋଗୁ ଦୃଷ୍ଟିଶକ୍ତି ହରାଇବାର ଆଶଙ୍କା ଥିଲା । ଯେତେବେଳେ ରୋଗର ପ୍ରଭାବ ଅତ୍ୟଧିକ ବଢ଼ିଗଲା ମୁଁ ଦୁଆ କଲି ମୋତେ ଏଲ୍‌ହାନ୍ ହେଲା ବର୍‌ରକା ତିଫ୍‌ଲି ବଶିର୍ । ଅର୍ଥାତ୍ ମୋ ପୁଅ ବଶିର୍ ଦେଖିବାକୁ ଲାଗିଲା । ତା ପରେ ସେହିଦିନ ବା ତା ପରଦିନ ସେ ଆରୋଗ୍ୟ ଲାଭ କଲା । ଏହି ଘଟଣାକୁ ପାଖାପାଖି ୧୦୦ ଲୋକ ଜାଣିଥିବେ ।

୭୮-ଅଠସ୍ତରୀତମ ନିଦର୍ଶନ-ମୁଁ ଯେତେବେଳେ ଛୋଟ ମସ୍‌ଜିଦ୍ ନିର୍ମାଣ କରିବାକୁ ବାହାରିଲି ଯାହା ଆମ ଘରର ଗୋଟିଏ ଗଳି ସହିତ ସଂଲଗ୍ନ ଅଛି ସେତେବେଳେ ମୋତେ ଏ ଭାବନା ଆସିଲା ଯେ ଏହି କାର୍ଯ୍ୟ ପାଇଁ ଗୋଟିଏ ତାରିଖ (ଧାର୍ଯ୍ୟ) ହେବା ଉଚିତ୍ । ତେବେ ଖୁଦାଙ୍କ ତରଫରୁ ନିର୍ଦ୍ଦେଶ ହେଲା ମୁବାରିକୁନ୍ ଓ୍ୱ ମୁବାରକୁନ୍ ଓ୍ୱ କୁଲ୍‌ଲୁ ଅମ୍‌ରିନ୍ ମୁବାରକିନ୍ ୟୁଜ୍‌ଅଲୁଫିହି । ଏହିପରି ପେଶ୍‌ଗୋଇଟି ଥିଲା ଓ ଏଥିରୁ ମସ୍‌ଜିଦ୍‌ର ଭିତିପ୍ରସ୍ତର ସ୍ଥାପନ କରିବାର ତାରିଖ ବାହାରୁଛି ।

୭୯-ଅଣାଅଶୀତମ ନିଦର୍ଶନ-ବରାହିନେ ଅହେମଦୀୟାରେ ଏହି ଯମାତ୍‌ର ଉନ୍ନତି ନିମନ୍ତେ ଏହି ପେଶ୍‌ଗୋଇ ଅଛି - କଜର୍‌ଇନ୍ ଅଖ୍‌ରଜା ଶତ୍‌ଅହୁ ଫଅଜ୍‌ରହୁ ଫସ୍‌ତଗ୍‌ଲଜା ଫସ୍‌ତଓ୍ୱା ଅଲା ସୁକିହି । ଅର୍ଥାତ୍- ପ୍ରଥମେ ଗୋଟିଏ ମଞ୍ଜି ହେବ ଯିଏ ନିଜର ସବୁଜତା (ଦୁଇପତ୍ର) କୁ ବାହାର କରିବ ପୁଣି ମୋଟା ହେବ, ପୁଣି ନିଜ ଡାଳ ମେଲାଇ ତିଷ୍ଠି ରହିବ । ଏହା ଗୋଟିଏ ବଡ଼ ପେଶ୍‌ଗୋଇ ଥିଲା ଯାହା ଏ ଯମାତ୍‌ର ସୃଷ୍ଟି ହେବା ପୂର୍ବରୁ ଓ ତାର ଉନ୍ନତି ବିଷୟରେ ଆଜିଠାରୁ ପଚିଶି ବର୍ଷ ପୂର୍ବେ କରାଯାଇଥିଲା । ଏହା ଏପରି ସମୟରେ ହୋଇଥିଲା ସେ ସମୟରେ ନା ତ ଯମାତ୍ ଥିଲା ଓ ନା କୌଣସି ବ୍ୟକ୍ତି ମୋ ସହିତ ବୟତ୍‌ର ସମ୍ପର୍କ ରଖିଥିଲା ବରଂ ସେମାନଙ୍କ ମଧ୍ୟରୁ କେହି ମୋ ନାମ ସହିତ ପରିଚିତ ମଧ୍ୟ ନଥିଲେ । ପୁଣି ଦୟାଳୁ ଓ କୃପାଳୁ ଖୁଦା ଏହି ଯମାତ୍‌କୁ ସୃଷ୍ଟି କଲେ ଯାହା ବର୍ତମାନ ତିନିଲକ୍ଷ୍ୟରୁ ମଧ୍ୟ କିଛିଟା ଅଧିକ ହେବ । ମୁଁ ଗୋଟିଏ ଛୋଟିଆ ମଞ୍ଜି ସଦୃଶ ଥିଲି, ଯାହା ଖୁଦାଙ୍କ ହାତରେ ରୋପଣ କରାଯାଇଥିଲା । ପୁଣି ମୁଁ ଏକ କାଳ ପର୍ଯ୍ୟନ୍ତ ଗୁପ୍ତ ଅବସ୍ଥାରେ ରହିଲି । ପୁଣି ମୋର ପ୍ରକାଶ ହେଲା ଏବଂ ବହୁତ ଗୁଡିଏ ଡାଳ ମୋ ସହିତ ଜଡ଼ିତ ହେଲେ । ସୁତରାଂ ଏହି ପେଶ୍‌ଗୋଇ କେବଳ ଖୁଦାଙ୍କ ହାତଦ୍ୱାରା ପୁରଣ ହେଲା ।

୮୦-ଅଶୀତମ ନିଦର୍ଶନ-ବରାହିନେ ଅହେମଦୀୟାରେ ଏ ପେଶ୍‌ଗୋଇ ଅଛି ୟୁରିଦୁନା ଅଇଁ ୟୁତ୍‌ଫିଉ ନୁରଲ୍‌ଲ୍ଲାହି ବିଅଫ୍‌ଓ୍ୱାହିହିମ୍ ଓ୍ୱଲ୍ଲାହୁ ମୁତିମ୍ମୁ ନୁରିହି ଓ୍ୱଲଓ କରିହଲ୍ କାଫିରୁନ୍ । ଅର୍ଥାତ୍-ବିରୋଧି ଲୋକେ ଖୁଦାଙ୍କ ଜ୍ୟୋତିକୁ ନିଜ ମୁହଁ ଦ୍ୱାରା ଫୁଙ୍କି ଲିଭାଇ ଦେବା ପାଇଁ ଇଛା କରିବେ । କିନ୍ତୁ ଖୁଦା ନିଜ ଜ୍ୟୋତିକୁ ସମ୍ପୁର୍ଣ୍ଣ କରିବେ ଯଦିଚ ଏହାକୁ ଅମାନ୍ୟକାରୀମାନେ ଘୃଣା କରନ୍ତୁ ନା କାହିଁକି । ଏହା ହେଉଛି ସେ ସମୟର ପେଶ୍‌ଗୋଇ ଯେତେବେଳେ କୌଣସି ଲୋକ ବିରୋଧି ନଥିଲେ ବରଂ କୌଣସି ବ୍ୟକ୍ତି ମୋ ନାମ ମଧ୍ୟ ଜାଣିନଥିଲେ । ପୁଣି ଏହାପରେ ଉକ୍ତ ପେଶ୍‌ଗୋଇ ମୁତାବକ ସଂସାରରେ ମୋର ସମ୍ମାନର ପ୍ରସିଦ୍ଧି ବ୍ୟାପିଗଲା ଏବଂ ହଜାର ହଜାର (ଲୋକ) ମୋତେ ଗ୍ରହଣ କଲେ । ତା ପରେ ଏତେ ମୁଖାଲିଫତ୍ (ବିରୋଧ) କରାଗଲା ଯେ ମହାନ (ଓ ପବିତ୍ର) ମକ୍କାରୁ ମୋ ନିମନ୍ତେ କୁଫର୍ (ଅମାନ୍ୟକାରୀ) ର ଫତ୍‌ଓ୍ୱା ମଗାଗଲା ଓ ମୋ ତକ୍‌ଫିର୍ (ଅମାନ୍ୟକାରୀ ହେବା)ର ଦୁନିଆରେ ପ୍ରଚାର ଓ ପ୍ରସାର କରାଗଲା ଓ ମୋତେ ହତ୍ୟା କରିବା ପାଇଁ ଫତ୍‌ଓ୍ୱା ଦିଆଗଲା । ସରକାରଙ୍କୁ ଉକ୍‌ସାଗଲା । ସାଧାରଣ ଲୋକଙ୍କୁ ମୋ ଠାରୁ ଓ ମୋ ଯମାତ୍ ଠାରୁ ବେଜାର୍ କରାଇ ଦିଆଗଲା । ସୁତରାଂ ମୋର ବିନାଶ ପାଇଁ ସବୁ ପ୍ରକାର ଚେଷ୍ଟା କରାଗଲା କିନ୍ତୁ ଖୁଦାତାଲାଙ୍କ ପେଶ୍‌ଗୋଇ ଅନୁସାରେ ଏହି ସବୁ ମୌଲବୀମାନେ ଓ ତାଙ୍କ ପରି ଅନ୍ୟ ଲୋକମାନେ ମଧ୍ୟ ନିଜ ଚେଷ୍ଟାରେ ଅସଫଳ ହେଲେ । ଦୁଃଖର ବିଷୟ ଏହା ଯେ ବିରୋଧିମାନେ କେତେ ଅନ୍ଧ । ଏହି ପେଶ୍‌ଗୋଇର ମହାନତାକୁ ଦେଖୁନାହାଁନ୍ତି ଯେ ତାହା କେଉଁ ସମୟର ଓ କେତେ଼ ବୈଭବ ଓ ଐଶ୍ୱରୀୟ ଶକ୍ତି ସହିତ ପୁର୍ଣ୍ଣ ହେଲା । ଏହା କଣ ଖୁଦାଙ୍କ ବ୍ୟତୀତ ଆଉ କାହାର କାମ ହୋଇପାରେ ? ଯଦି ହୁଏ ତେବେ ଏହାର ଦୃଷ୍ଟାନ୍ତ ଉପସ୍ଥାପନ କର । (ସେମାନେ) ଭାବୁନାହାଁନ୍ତି ଯେ ଯଦି ଏହା ମନୁଷ୍ୟର କାର୍ଯ୍ୟ ହୋଇଥାଆନ୍ତା ଓ ଖୁଦାଙ୍କ ଇଛା ବିରୁଦ୍ଧରେ ହୋଇଥାଆନ୍ତା ତେବେ ସେମାନେ ନିଜ ଚେଷ୍ଟାରେ ଅସଫଳ ହୋଇନଥାନ୍ତେ । କିଏ ସେମାନଙ୍କୁ ଅସଫଳ କରାଇଲା ? ସେହି ଖୁଦା ଯିଏ ମୋ ସହିତ ଅଛନ୍ତି ।

୮୧-ଏକାଅଶୀତମ ନିଦର୍ଶନ-ବରାହିନେ ଅହେମଦୀୟାରେ ଗୋଟିଏ ପେଶ୍‌ଗୋଇ ଏପରି ଅଛି । ୟାସିମୁକଲ୍ଲାହୁ ମିନ୍ ଇନ୍ଦିହି ଓ୍ୱଲଓ ଲମ୍ ୟାସିମୁକନ୍ ନାସୁ । ଅର୍ଥାତ୍ ଖୁଦା ତୋତେ ନିଜେ ସମସ୍ତ ବିପତିରୁ ବଂଚାଇବେ ଯଦିଚ ଲୋକମାନ ଏହା ଚାହୁଁନଥିବେ ଯେ ତୁ ବିପତିରୁ ବଂଚୁ । ଏହା ହେଉଛି ସେ ସମୟର ପେଶ୍‌ଗୋଇ ଯେତେବେଳେ ମୁଁ ଗୋଟିଏ ଅପ୍ରସିଦ୍ଧ (ଅଜ୍ଞାତ) ସ୍ଥାନରେ (ଏକ କୋଣରେ) ଗୁପ୍ତ ଅବସ୍ଥାରେ ଥିଲି ନା କେହି ମୋ ସହିତ ବୟତ୍‌ର ସମ୍ପର୍କ ରଖିଥିଲେ ନା କେହି ମୋ ସହିତ ଶତୃତା କରୁଥିଲେ । ଏହାପରେ ଯେତେବେଳେ ମୁଁ ମସିହ୍ ମଉଦ୍ ହେବାର ଦାବି କଲି ସେତେବେଳେ ସବୁ ମୌଲବୀମାନେ ଓ ତାଙ୍କ ସହଜାତୀୟ ଲୋକେ ଅଗ୍ନି ସଦୃଶ ହୋଇଗଲେ । ସେହି ସମୟରେ ଡକ୍ଟର୍ ମାର୍ଟିନ୍ କ୍ଲର୍କ ନାମୀ ଜଣେ ପାଦ୍ରୀ ମୋର ଉପରେ ହତ୍ୟା ମୋକଦ୍ଦମା ଲଗାଇଲେ । ଏହି ମୋକଦ୍ଦମାରୁ ମୋତେ ଏ ଅନୁଭବ ହୋଇଗଲା ଯେ ପଞ୍ଜାବର ମୌଲବୀମାନେ ମୋର ହତ୍ୟା ପିପାଶୁ ଅଛନ୍ତି (ମୋତେ ହତ୍ୟା କରିବା ପାଇଁ ଚାହୁଁଛନ୍ତି) । ଏବଂ ମୋତେ ଜଣେ ଇସାଇଙ୍କ ଠାରୁ ମଧ୍ୟ ଯିଏ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଶତ୍ରୁ ଅଟେ ଓ ଗାଳି କରୁଛି ନିମ୍ନତର ଭାବୁଛନ୍ତି । କାରଣ କିଛି ମୌଲବୀ ଏହି ମୋକଦ୍ଦମାରେ  ଅଦାଲତ୍‌ରେ ହାଜିର୍ ହୋଇ ମୋ ବିରୁଦ୍ଧରେ ସେହି ପାଦ୍ରୀଙ୍କ ପାଇଁ ସାକ୍ଷୀ ଦେଲେ ଓ କିଛି (ମୌଲବୀ) ଏପରି ଦୁଆ କରି ଚାଲିଲେ ଯେ ପାଦ୍ରୀମାନେ କିପରି ବିଜୟୀ ହୋଇଯାଆନ୍ତୁ । ମୁଁ ବିଶ୍ୱସନୀୟ ସୁତ୍ରରୁ ଶୁଣିବାକୁ ପାଇଲି ଯେ ସେମାନେ ମସ୍‌ଜିଦ୍‌ରେ କାନ୍ଦି କାନ୍ଦି ଦୁଆ କରୁଥିଲେ ଯେ ହେ ଖୁଦା ! ସେହି ପାଦ୍ରୀକୁ ସାହାଯ୍ୟ କର ଓ ତାକୁ ବିଜୟୀ କର କିନ୍ତୁ ଖୁଦାଏ ଅଲିମ୍ (ସର୍ବଜ୍ଞ ଖୁଦା) ତାଙ୍କର କିଛି ଶୁଣିଲେ ନାହିଁ । ନା ସାକ୍ଷୀ ଦେବାବାଲା ତାଙ୍କ ସାକ୍ଷୀରେ ସଫଳତା ଲାଭ କଲେ ବା ଦୁଆ କରିବା ବାଲାଙ୍କ ଦୁଆ କବୁଲ୍ (ଗ୍ରହଣୀୟ) ହେଲା । ଏପରି ଓ୍ୱଲେମାମାନେ  ହେଉଛନ୍ତି ଦୀନ୍‌ର ସହାୟକ ଏବଂ ଏମାନେ ଏପରି କୌମ୍ (ଗୋଷ୍ଠୀ) ଯେଉଁମାନଙ୍କ ପାଇଁ ଲୋକମାନେ କୌମ୍ କୌମ୍ ର ଚିତ୍କାର କରୁଛନ୍ତି । ଏହି ଲୋକମାନେ ମୋତେ ଫାଶୀରେ ଝୁଲାଇବା ପାଇଁ ନିଜର ସମସ୍ତ ଯୋଜନା ସହିତ ଚେଷ୍ଟା କଲେ । ଏବଂ ଏପରି ଜଣେ ଲେକକୁ ସାହାଯ୍ୟ କଲେ ଯିଏ ଖୁଦା ଓ ରସୁଲ୍‌ଙ୍କ ଶତ୍ରୁ ଅଟେ । (ଅର୍ଥାତ୍ ସେହି ଇସାଇକୁ ସାହାଯ୍ୟ କଲେ) ଏଠାରେ ସ୍ୱଭାବତଃ ମନରେ ଏକଥା ଉଠୁଛି ଯେ ଯଦି ଏହି କୌମ୍ ସବୁ ମୌଲବୀ ଏବଂ ତାଙ୍କ ଅନୁଯାଇମାନେ ମୋ ଜୀବନର ଶତ୍ରୁ ହୋଇଗଲେ ତେବେ ପୁଣି କିଏ ମୋତେ ଏହି ପ୍ରଖର ନିଆଁର ଶିଖାରୁ ବଂଚାଇଲେ । ଯଦିଚ ଆଠ ନଅ ଜଣ ସାକ୍ଷୀ ମୋତେ ଦୋଷୀ ପ୍ରମାଣ କରାଇବା ପାଇଁ ସାକ୍ଷୀ ଦେଇସାରିଥିଲେ । ଏହାର ଉତର ହେଉଛି ସେ ବଚଂାଇଲା ଯିଏ ପଚିଶି ବର୍ଷ ପୂର୍ବେ ଏ ପ୍ରତିଶୃତି ଦେଇଥିଲା ଯେ ତୋ କୌମ୍ ତ ତତେ ବଂଚାଇବ ନାହିଁ ବରଂ ତତେ ହଲାକ୍ କରିବା ପାଇଁ ଚେଷ୍ଟା କରିବ କିନ୍ତୁ ମୁଁ ତୋତେ ବଂଚାଇବି । ଯେପରି ସେ ପ୍ରଥମରୁ କହିରଖିଥିଲା ଯାହା ବରାହିନେ ଅହେମଦୀୟାରେ ଆଜିଠାରୁ ପଚିଶି ବର୍ଷ ପୂର୍ବେ ଦରଜ ହୋଇଛି ତାହା ହେଉଛି ଏପରି-ଫବର୍‌ରଅହୁଲ୍ଲାହୁ ମିମ୍ମା କାଲୁ ଓ୍ୱକାନା ଇନ୍ଦଲାହେ ଓ୍ୱଜିହନ୍ । ଅର୍ଥାତ୍-ଖୁଦା ସେହି ସବୁ ଅଭିଯୋଗରୁ ତାଙ୍କୁ ମୁକ୍ତି ଦେଲେ ଯାହା ତା ଉପରେ ଲଗାଯାଇଥିଲା । (କାରଣ) ସେ ଖୁଦାଙ୍କ ନିକଟରେ ପବିତ୍ର ଅଟେ ।

(ହକିକତୁଲ୍ ଓ୍ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୨୪୦-୨୪୩)

⌘⌘⌘⌘⌘⌘⌘⌘⌘⌘

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ପଂଚମ ଭାଗ (ଶେଷ)

# ଗୋଟିଏ ବୈଠକରେ ତିନି ତଲାକ୍‌ର ଶରିୟତି ନିୟମକାନୁନ୍ ଓ ସ୍ତ୍ରୀମାନଙ୍କ ଅଧିକାର

ମନ୍‌ସୁର୍ ଅହେମଦ୍ ମସ୍‌ରୁର୍ (ଏଡିଟର୍-ଉର୍ଦ୍ଦୁ ବଦର୍)

ଇସ୍‌ଲାମ୍ ମହିଳାମାନଙ୍କ ଉପରେ ବହୁତ କୃପା କରିଛି । ଏହି ସ୍ଥାନରେ ଆମେ ବିଶେଷ କରି ସ୍ତ୍ରୀ ମାନଙ୍କ ସହିତ ଯେଉଁ ଉତମ ବ୍ୟବହାର କରାଯାଇଛି ଏବଂ ସେମାନଙ୍କର ଅଧିକାର ବିଷୟରେ ଯେଉଁ ଇସ୍‌ଲାମୀୟ ଶିକ୍ଷା ଅଛି ତାହା ଆମେ ବର୍ଣ୍ଣନା କରିବୁ । ଅଲ୍ଲାଃତାଲା ସ୍ତ୍ରୀ ମାନଙ୍କ ସହିତ ଉତମ ବ୍ୟବହାର କରିବା ପାଇଁ ଶିକ୍ଷା ଦେଇ କହୁଛନ୍ତି-

(୧) ୟା ଅୟୋହଲ୍ ଲଜିନା ଆମନୁ ଲା ୟହିଲ୍ଲୁ ଲକୁମ୍ ଅନ୍ ତୁରିସୁନ୍ ନିସାଆ କରହନ୍ ୱଲା ତାଜୁଲୁହୁନ୍ନା ଲିତଜ୍‌ହବୁ ବିବାଆଜି ମା ଆତୈତୁମୁହୁନ୍ନା ଇଲା ଅଇଁ ୟାତିନା ବିଫାହିଶତିମ୍ ମୁବୟିନତିନ୍ ୱ ଆଶିରୁହୁନ୍ନା ବିଲ୍‌ମାରୁଫି ଫଇନ୍ କରିହ୍‌ତୁମୁହୁନ୍ନା ଫଅସା ଅନ୍‌ତକ୍‌ରହୁ ଶଇଅଉଁ ୱ ୟଜ୍ ଅଲ୍‌ଲାହୋ ଫିହି ଖୈରନ୍ କସିରା ।

ଅର୍ଥାତ୍- ହେ ବିଶ୍ୱାସକାରୀମାନେ ! ଜବରଦସ୍ତି ସ୍ତ୍ରୀ ଲୋକମାନଙ୍କର ଉତରାଧିକାରୀ ହେବା ତୁମମାନଙ୍କ ପକ୍ଷରେ ନ୍ୟାର୍ଯ୍ୟ ନୁହେଁ ଏବଂ ତୁମେମାନେ ସେମାନଙ୍କୁ ଯାହା କିଛି ଦେଇଅଛ ତହିଁରୁ କିଛି ଛଡ଼ାଇ ନେବା ଉଦ୍ଦେଶ୍ୟରେ ସେମାନଙ୍କୁ ହଇରାଣ କରନାହିଁ । ଅବଶ୍ୟ ଯଦି ସେମାନେ କୌଣସି ପ୍ରକାଶ୍ୟ ପାପରେ ଲିପ୍ତ ରୁହନ୍ତି (ତେବେ ଏ ସଂକ୍ରାନ୍ତ ଆଦେଶ ଉପରେ ବର୍ଣ୍ଣିତ ହୋଇଅଛି) ଏବଂ ସେମାନଙ୍କ ସହିତ ଉତମ ବ୍ୟବହାର କର ଏବଂ ଯଦି ତୁମେମାନେ ସେମାନଙ୍କୁ ନାପସନ୍ଦ କର ତେବେ ମନେରଖ ଯେ ସମ୍ଭବତଃ ତୁମ୍ଭେମାନେ ଯାହାକୁ ନାପସନ୍ଦ କରୁଥାଅ ଅଲ୍ଲାଃ ତହିଁରେ ଅଶେଷ କଲ୍ୟାଣ କରିଥାଇପାରନ୍ତି ।

ଏହି ଆୟତରେ ''ଆଶିରୁହୁନ୍ନା ବିଲ୍‌ମାରୁଫି'' ବାକ୍ୟରେ ସ୍ତ୍ରୀ ମାନଙ୍କ ସହିତ ଭଲ ବ୍ୟବହାର କରିବା ପାଇଁ ଉତମ ଶିକ୍ଷା ଦିଆଯାଇଛି । ଏହାଠାରୁ ବଳି ପୁରୁଷ ମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ଯେ ଯେଁ ମାଲ୍ ସ୍ତ୍ରୀ ମାନଙ୍କ ଉତରାଧିକାରୀ ରୂପେ ମିଳେ ତା ଉପରେ ଜବରଦସ୍ତି କବ୍‌ଜା କରନାହିଁ । ଏହା ମଧ୍ୟ ଯେ ଯାହା ତୁମେ କିଛି ତାଙ୍କୁ ଦେଇ ସାରିଛ ପୁନର୍ବାର ସେଗୁଡିକୁ ନେବାପାଇଁ ଚେଷ୍ଟା କରନାହିଁ । ପୁଣି ମଧ୍ୟ ବତାଇ ଦିଆଯାଇଛି ଯେ ଯଦି ତୁମମାନଙ୍କ ମଧ୍ୟରୁ କେହି ନିଜ ସ୍ତ୍ରୀ କୁ ଅପସନ୍ଦ କରେ ତେବେ ସେ ଭଲ ଭାବେ ଭାବି ଚିନ୍ତି ନେଉ କାରଣ ସମ୍ଭବତଃ ଅଲ୍ଲାତାଲା ସେହି ସ୍ତ୍ରୀ ଙ୍କ ନିକଟରେ ବହୁତ ଗୁଡିଏ ଭଲ ଜିନିଷ ତା ପାଇଁ ରଖିଥିବ । ତେଣୁ ତାର ଅପସନ୍ଦ ତାର ନାପସନ୍ଦ କରିବା ଠିକ୍ ହେବନାହିଁ ।

(୨) ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି ୱଲହୁନ୍ନା ମିସ୍‌ଲୁଲଜି ଆଲୈହିନ୍ନା ବିଲ୍‌ମାରୁଫ୍ (ଅଲ୍‌ବକ୍‌ରା-୨୨୯) ଯାହାର ଅନୁବାଦ ହେଉଛି ଏପରି -

ଅର୍ଥାତ୍-ଯେପରି ସେ (ମହିଳା) ମାନଙ୍କର କେତେକ ଦାୟିତ୍ୱ ଅଛି ସେହିପରି ନ୍ୟାୟତଃ ସେମାନଙ୍କର କେତେକ ଅଧିକାର ମଧ୍ୟ ରହିଅଛି ।

ଏହି ଆୟତରେ ବିଶେଷ ରୂପେ ସ୍ତ୍ରୀ ମାନଙ୍କର ଅଧିକାର ସମ୍ପର୍କରେ ଚର୍ଚ୍ଚା କରାଯାଇଛି । ଯମାତ୍ ଅହେମଦୀୟାର ଦ୍ୱିତୀୟ ଖଲିଫା ହଜ୍‌ରତ୍ ମିର୍ଜା ବଶିରୁଦ୍ଦିନ୍ ମେହ୍‌ମୁଦ୍ ଅହେମଦ୍ ର:ଅ ଏହ ଆୟତ୍‌କୁ ବ୍ୟାଖ୍ୟା କରି କହୁଛନ୍ତି:- 'ୱଲହୁନ୍ନା ମିସ୍‌ଲୁଲଜି ଆଲୈହିନ୍ନା ବିଲ୍‌ମାରୁଫ୍ ରେ ସାଧାରଣ ନିୟମ ବତାଇ ଦିଆଯାଇଛି ଯେ ପୁରଷ ଏବଂ ସ୍ତ୍ରୀ ର ଅଧିକାର ମନୁଷ୍ୟ ହିସାବରେ ସମାନ ଅଟେ । ଯେପରି ସ୍ତ୍ରୀ ମାନଙ୍କ ପାଇଁ ଜରୁରୀ ଅଟେ ଯେ ସେ ପୁରୁଷ ଙ୍କର ଅଧିକାର ଦେବାପାଇଁ ଧ୍ୟାନ ଦେବେ । ସେହିପରି ପୁରୁଷ ମାନଙ୍କ ପାଇଁ ମଧ୍ୟ ଜରୁରୀ ଅଟେ ଯେ ସେମାନେ ସ୍ତ୍ରୀ ମାନଙ୍କ ଅଧିକାରକୁ ମଧ୍ୟ ପ୍ରଦାନ କରିବେ ।

ରସୁଲେ କରିମ୍ ସ:ଆ:ସ ଙ୍କ ଆବିର୍ଭାବ ପୂର୍ବରୁ ସ୍ତ୍ରୀ ମାନଙ୍କୁ କୌଣସି ଅଧିକାରକୁ ପ୍ରଦାନ କରାଯାଉନଥିଲା । ବରଂ ସେମାନଙ୍କୁ ମାଲ୍ ଏବଂ ସମ୍ପତି ରୂପେ ଗୋଟିଏ ସ୍ଥାନାନ୍ତରିତ ୱର୍‌ସା (ଉତରାଧିକାରୀ ରୂପରେ ମିଳୁଥିବା ଧନସମ୍ପତି) ଭାବେ ଗଣାଯାଉଥିଲା ଓ ତାଙ୍କ ଜନ୍ମକୁ କେବଳ ପୁରୁଷଙ୍କ ଖୁସି ପାଇଁ ଧାର୍ଯ୍ୟ କରାଯାଉଥିଲା-----କେବଳ ଇସ୍‌ଲାମ୍ ହିଁ ଏପରି ଧର୍ମ ଯେଉଁଥିରେ ମହିଳାମାନଙ୍କ ମାନବିକତାକୁ ଉଜାଗର କରି ଦେଖାଇ ଦିଆଯାଇଛି । ଏବଂ ରସୁଲେ କରିମ୍ ସ:ଆ:ସ ହିଁ ସେହି ପ୍ରଥମ ମନୁଷ୍ୟ ଅଟନ୍ତି ଯିଏ ମହିଳାମାନଙ୍କୁ ମନୁଷ୍ୟ ହେବା ଯୋଗୁଁ ସମାନତା ଅଧିକାର ପ୍ରତିଷ୍ଠା କରିଛନ୍ତି । ଏବଂ ୱଲହୁନ୍ନା ମିସ୍‌ଲୁଲଜି ଆଲୈହିନ୍ନା ବିଲ୍‌ମାରୁଫ୍ ର ତଫସିର୍ (ଜ୍ଞାନ) ଲୋକମାନଙ୍କୁ ଭଲଭାବେ ବୋଧଗମ୍ୟ କରାଇଦେଇଛନ୍ତି । ଆପଣଙ୍କ ବାକ୍ୟରେ ମହିଳାମାନଙ୍କ ସହିତ ଉତମ ବ୍ୟବହାର ଏବଂ ସେମାନଙ୍କର ଅଧିକାର ଓ ସେମାନଙ୍କର ଯୋଗ୍ୟତା ବିଷୟରେ ଯେତେ ନିର୍ଦ୍ଦେଶନାମା ମିଳୁଛି ତାର ଦଶ ଭାଗରୁ ଭାଗେ ମଧ୍ୟ ଅନ୍ୟ ଧର୍ମର ଧର୍ମଗୁରୁମାନଙ୍କ ଶିକ୍ଷାରେ ମିଳେନାହିଁ'' ।

(୩) ଆଉ ଗୋଟିଏ ବହୁତ ସୁନ୍ଦର ଶିକ୍ଷା ସେହି ମହିଳାମାନଙ୍କ ନିମନ୍ତେ ଅଛି ଯେଉଁ ମାନଙ୍କର ସ୍ୱାମୀ ମରିଯାଇଛନ୍ତି ଉପସ୍ଥାପନ କରୁଅଛୁ । ପବିତ୍ର କୋରାନ୍ କହୁଅଛି ୱ ଅନ୍‌କିହୁଲ୍ ଅୟାମା ମିନ୍‌କୁମ୍ (ସୁରା ନୁର୍ :- ୩୩) ଅର୍ଥାତ୍ ଏବଂ ତୁମ ମାନଙ୍କ ଗହଣରେ ଯେଉଁ ବିଧବାମାନେ ଅଛନ୍ତି ସେମାନଙ୍କର ବିବାହ କରିଦିଅ ।

ବିଧବା ମାନଙ୍କ ଉପରେ ଇସ୍‌ଲାମ୍‌ର କେତେବଡ଼ କୃପା ଯେ ସେମାନଙ୍କ ମଧ୍ୟରୁ ଯାହାଙ୍କର ବିବାହ ହୋଇପାରିବ ତାଙ୍କୁ ବିବାହ କରିବା ପାଇଁ ପ୍ରୋତ୍ସାହନ କରାଯାଇଛି । ଆଁ ହଜ୍‌ରତ୍ ସ:ଆ:ସ ଙ୍କ ସମୟରେ ବିଧବା ମାନଙ୍କ ସହିତ ବିବାହ କରିବା କୌଣସି ପ୍ରଥା ନଥିଲା । ଆଁ ହଜ୍‌ରତ୍ ସ:ଆ:ସ ଙ୍କର ନିଜର ଏପରି ନମୁନା ଥିଲା ଯେ ଆପଣଙ୍କର ଜଣେ ମାତ୍ର ସ୍ତ୍ରୀ କୁ ଛାଡ଼ିଦେଲେ ଆଉ ସବୁ ସ୍ତ୍ରୀ ସୟବାଃ ଥିଲେ । ସୁତରାଂ ଗୋଟିଏ ଅତ୍ୟନ୍ତ ପବିତ୍ର ଏବଂ ପ୍ରଶାନ୍ତି ସମାଜ ଗଢ଼ିବା ପାଇଁ ଇସ୍‌ଲାମ୍‌ର ଏହା କେଡ଼େ ସୁନ୍ଦର ଶିକ୍ଷା ଅଟେ । ଇସ୍‌ଲାମ୍ ଉପରେ ଆରୋପ କରୁଥିବା ଲୋକଙ୍କୁ ଇସ୍‌ଲାମ୍‌ର ଏହି ସୁନ୍ଦର ଶିକ୍ଷା ଉପରେ ଚିନ୍ତା କରିବା ଉଚିତ୍ । ବିଶେଷ କରି ଏ ଦୃଷ୍ଟିରୁ କିଛି ଧର୍ମରେ ବିଧବା ମାନଙ୍କୁ ସମାଜରେ ଏବଂ ତାଙ୍କ କୁଟୁମ୍ବ ମାନଙ୍କ ପାଇଁ ଏକ ପ୍ରକାର ଲଜ୍ଜାର କାରଣ ହୋଇଥାନ୍ତି । ସେଥିଯୋଗୁଁ ପ୍ରଥମେ ସେମାନଙ୍କୁ ସ୍ୱାମୀଙ୍କ ଜଳନ୍ତା ଜୁଇରେ ଡେଇଁ ଜୀବନ ହାରିବାକୁ ପଡୁଥିଲା ବା ଏଣେତେଣେ ଘୁରି ବୁଲିବା ସେମାନଙ୍କ ଭାଗ୍ୟରେ ଥିଲା ।

(୪) ସ୍ତ୍ରୀ ମାନଙ୍କ ଉପରେ ଇସ୍‌ଲାମ୍‌ର ଆଉ ଗୋଟିଏ ବଡ଼ ଏହ୍‌ସାନ୍ ହେଉଛି ଯେ ସେ ସ୍ତ୍ରୀ ପାଇଁ ପୁରୁଷଙ୍କ ଜିମାରେ ଗୋଟିଏ ଉଚିତ୍ ଧନରାଶି ଦେବା ଧାର୍ଯ୍ୟ କରାଯାଇଛି । ଯାହାକୁ ଇସ୍‌ଲାମୀୟ ପରିଭାଷାରେ ମହର୍ କୁହାଯାଏ । ସ୍ୱାମୀଙ୍କ ଜିମାରେ ଏହା ହେଉଛି ଏପରି ଏକ କରଜ ଯାହାକୁ ପ୍ରଦାନ କରିବା ତା ପାଇଁ ଧାର୍ଯ୍ୟ ଅଟେ । ମହର୍ ର ଧନରାଶି ଯେପରି ପୂର୍ବରୁ ଚର୍ଚ୍ଚା ହୋଇସାରିଛି ଯମାତ୍ ଅହେମଦୀୟାର ଦ୍ୱିତୀୟ ଖଲିଫା ହଜ୍‌ରତ୍ ମିର୍ଜା ବଶିରୁଦ୍ଦିନ୍ ମେହ୍‌ମୁଦ୍ ଅହେମଦ୍ ର:ଅ ଙ୍କ ମୁତାବକ ଅତି କମ୍‌ରେ ପୁରୁଷର ଛଅମାସର ଆମଦାନୀରୁ ନେଇ ଏକବର୍ଷର ଆମଦାନୀ ପର୍ଯ୍ୟନ୍ତ ହେବା ଉଚିତ୍ । ମହର୍ ବିଷୟରେ ଇସ୍‌ଲାମ୍‌ର ଏ ଶିକ୍ଷା ହେଉଛି ଯେ ତାକୁ କରଜ ରୂପେ ଭାବି ଯେତେ ଶିଘ୍ର ପ୍ରଦାନ କରାଯିବ ସେତେ ଭଲ । ମହର୍ ସ୍ତ୍ରୀ ର ହକ୍ ଅଟେ । ସେ ତାକୁ ଯେପରି ଚାହିଁବ ଖର୍ଚ୍ଚ କରିପାରିବ । ଯଦି ସ୍ୱାମୀଙ୍କର ମୃତ୍ୟୁ ହୋଇଯାଏ ଏବଂ ଯେ ହକେ ମହର୍ ପ୍ରଦାନ କରିନଥିବେ ତେବେ ସ୍ୱାମୀଙ୍କର ସମ୍ପତିରୁ ଅନ୍ୟ କରଜ ଗୁଡିକ ଭଳି ସ୍ତ୍ରୀ ର ହକେ ମହର୍ ମଧ୍ୟ ଦିଆଯାଇଥାଏ । ହକେ ମହର୍ ର ବହୁତ ଗୁଡିଏ ଯୁକ୍ତି ଯୁକ୍ତ ଜ୍ଞାନ ଅଛି । ବେଳେବେଳେ କିଛି ପରିସ୍ଥିତିରେ ଏହା ସ୍ତ୍ରୀ ର ବହୁତ ବଡ଼ ସାହାରା ହୋଇଯାଏ । ମହର୍ ପ୍ରଦାନ କରିବା ପାଇଁ ପବିତ୍ର କୋରାନ୍‌ରେ ବହୁତ ତାଗିଦ୍ କରାଯାଇଛି । ଅଲ୍ଲାଃତାଲା କହୁଛନ୍ତି :- ୱ ଆତୁନ୍ ନିଶାଆ ସଦୁକାତିହିନ୍ନା ନିହିଲତନ୍ (ନିସ:୫) ଅର୍ଥାତ୍ ସ୍ତ୍ରୀ ମାନଙ୍କ ସେମାନଙ୍କ ମହର୍ ମନଖୁସିରେ ପ୍ରଦାନ କର ।

ଫମସ୍ ତମ୍‌ତତୁମ୍ ବିହି ମିନ୍‌ହୁନ୍ନା ଫଆତୁହୁନ୍ନା ଉଜୁରହୁନ୍ନା ଫରିଜାଃ ୱଲା ଜୁନାହା ଆଲୈକୁମ୍ ଫିମା ତରାଜଇତୁମ୍ ବିହି ମିମ୍ ବାଦିଲ୍ ଫରିଜାଃ ଇନ୍ନଲ୍ଲାହା କାନା ଅଲିମନ୍ ହକିମା । ଅର୍ଥାତ୍ ପୁଣି (ଏହା ମଧ୍ୟ ସର୍ତ ଅଛି ଯେ) ଯଦି ତୁମେ ତାଙ୍କଠାରୁ ଲାଭ ଉଠାଇଛ ତେବେ ତୁମେ ସେମାନଙ୍କୁ ତାଙ୍କ ମହର୍ ପ୍ରତିଶୃତି ଅନୁସାରେ ପ୍ରଦାନ କର । ଏବଂ (ମହର୍) ଧାର୍ଯ୍ୟ ହୋଇଯିବା ପରେ (କମ୍ କିମ୍ବା ବେଶି) ଯେଉଁଥିରେ ତୁମେ ଆପୋଶରେ ରାଜି ହୋଇଯିବ ସେଥିପାଇଁ ତୁମର କୌଣସି ପାପ ହେବନାହିଁ । ନିଶ୍ଚିତ ରୂପେ ଅଲ୍ଲାଃ ସର୍ବଜ୍ଞ (ଏବଂ) ଯୁକ୍ତିଯୁକ୍ତ ଅଟନ୍ତି । ଇସ୍‌ଲାମ୍‌ର ସ୍ତ୍ରୀ ମାନଙ୍କ ଉପରେ ଆଉ ଏକ ବଡ଼ ଏହ୍‌ସାନ୍ କରିଛି ଯେ ସେ ପ୍ରତ୍ୟେକ କିସମର ଖର୍ଚ୍ଚର ଜିମାଦାରୀ ପୁରୁଷଙ୍କୁ ପ୍ରଦାନ କରିବା ପାଇଁ ଦେଇଛି ଏବଂ କୌଣସି ପ୍ରକାରର ଘର ଖର୍ଚ୍ଚ ବା ଏତଦ୍‌ଭିନ୍ନ ଅନ୍ୟ ଖର୍ଚ୍ଚର ଜିମାଦାରି ସ୍ତ୍ରୀ ମାନଙ୍କ ଉପରେ ରଖିନାହିଁ । ଆଜି ପାଶ୍ଚାତ୍ୟ ସମାଜରେ ମହିଳାମାନଙ୍କ ନିମନ୍ତେ ରୋଜଗାର କରିବାକୁ ଜରୁରୀ ବୋଲି ବୁଝାଯାଏ । ଯାହା ଫଳରେ ଅଧିକାଂଶ ଘରୋଇ ଜୀବନ ନଷ୍ଟ ହୋଇଯାଉଛି । ଜୀବନର ସୁଖ ଓ ଶାନ୍ତି ବୋଲି କିଛି ନାହିଁ । ସନ୍ତାନମାନଙ୍କ ତର୍ବିୟତ୍ ଏବଂ ସେମାନଙ୍କର ଦେଖାଶୁଣା କରିବା ପାଇଁ ଗୋଟିଏ ବିରାଟ ସମସ୍ୟା ଦେଖାଗଲାଣି କିନ୍ତୁ ଇସ୍‌ଲାମ୍ ଗୋଟିଏ ସ୍ତ୍ରୀ ଠାରୁ ଏ ଆଶା ରଖିଥାଏ ଯେ ସେ ପିଲାମାନଙ୍କର ସଠିକ୍ ଶିକ୍ଷା ଓ ସଠିକ୍ ତର୍‌ବିୟତ୍ ଏବଂ ଉତମ ଭରଣ ପୋଷଣ କରୁ ।

ସ୍ୱାମୀଙ୍କ ଅଧିକାରକୁ ପ୍ରଦାନ କରୁ ଏବଂ ତାଙ୍କ ବିନା ଉପସ୍ଥିତିରେ ତାଙ୍କ ମାଲ୍‌ର ସୁରକ୍ଷା କରନ୍ତୁ । ଅଲ୍ଲାଃତାଲା କହୁଛନ୍ତି ଅର୍ ରିଜାଲୁ କୱାମୁନା ଅଲନ୍‌ନିଶାଏ ବିମା ଫଜ୍ଜଲଲ୍ଲାହୁ ବାଆଜହୁମ୍ ଅଲା ବାଜିଉଁ ୱବିମା ଅନ୍‌ଫକୁ ମିନ୍ ଅମ୍ୱାଲିହିମ୍ (ନିସା:୩୫)

ଅର୍ଥାତ୍-ପୁରୁଷମାନେ ନାରୀମାନଙ୍କର ଅଭିଭାବକ (ନିରୂପିତ) ହୋଇଛନ୍ତି କାରଣ ଅଲ୍ଲାଃ ସେମାନଙ୍କ ମଧ୍ୟରୁ କେତେକଙ୍କୁ ଅନ୍ୟ କେତେକଙ୍କ ଉପରେ ଶ୍ରେଷ୍ଠତା ପ୍ରଦାନ କରିଛନ୍ତି । ଓ ସେମାନେ (ନାରୀମାନଙ୍କ ପାଇଁ) ନିଜର ଧନରୁ ବ୍ୟୟ କରିଛନ୍ତି ।

(୬) ମହିଳାମାନଙ୍କ ଉପରେ ଇସ୍‌ଲାମ୍‌ର ଆଉ ଗୋଟିଏ ବଡ଼ ଏହ୍‌ସାନ୍ ହେଉଛି ଯେ ଯେଉଁଠି ସେ ଝିଅର ବିବାହ ନିମନ୍ତେ ତା ୱଲିଙ୍କ ଅନୁମତିକୁ ଜରୁରି ଓ ଧାର୍ଯ୍ୟ କରିଛି ସେଠି ଝିଅର

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ.......*

# ଖୁତ୍‌ବା ଜୁମା

★ହଜୁର ଅନୱ୍ୱର ଅ:ବ କହିଲେ- ସଂସାରରେ ବିଭିନ୍ନ କିସମର ବୈଠକମାନ ଆୟୋଜିତ ହୋଇଥାଏ । ସେ ସମସ୍ତ ପ୍ରକାର ସଭା, ସମିତି, କମିଟି ତଥା ମିଳିମିଶି ବସିବା ସଂସାର ଉପାର୍ଜନ ପାଇଁ ଡ଼କାଯାଇଥାଏ । ଅଲ୍ଲାଃ ଓ ତାଙ୍କ ପ୍ରୀତିଭାଜନ ଲାଭ କରିବା କିମ୍ବା ଅଲ୍ଲାଃଙ୍କ ସାନିଧ୍ୟ ଲାଭ କରିବା ଉଦ୍ଦେଶ୍ୟରେ ଆୟୋଜିତ ହୋଇନଥାଏ । ଯଦି ମାନବ କଲ୍ୟାଣ ପାଇଁ କୌଣସି ସଭା ବସେ ଓ ଆଲୋଚନା ହୁଏ ତେବେ ମଧ୍ୟ ସେଥିରେ ମୂଳ ପ୍ରସଙ୍ଗ ସଂସାର ପ୍ରାପ୍ତି ରହିଥାଏ । କିନ୍ତୁ କେତେକ ସଭାର ଆୟୋଜନ ଧାର୍ମିକ କ୍ଷେତ୍ରରେ (ଉନ୍ନତି) ସାଧନ ନିମନ୍ତେ ମଧ୍ୟ ଅନୁଷ୍ଠିତ ହୋଇଥାଏ ।

★ଜଣେ ମୋମିନ୍‌ଠାରୁ ଏସବୁ ଆଦେଶ ପାଳନ କରିବାର ଆଶା ରଖାଯାଇଥାଏ । ପବିତ୍ର କୋରାନରେ ଅଲ୍ଲାଃତାଲା ମୋମିନ୍‌ମାନଙ୍କ ବୈଠକ ସଂକ୍ରାନ୍ତରେ ନିର୍ଦ୍ଦେଶ ରହିଛି କି ସେମାନେ ବିଦ୍ରୋହ ଓ ବିଭ୍ରାଟ ସୃଷ୍ଟିକାରୀ, ପାପ ତଥା ଅବତାରଙ୍କ ଅମାନ୍ୟ କରିବା ବୈଠକ ଆଦିରୁ ଦୂରେଇ ରହି ଈଶ୍ୱରଭୟ ଧାରଣକାରୀଙ୍କ ବୈଠକରେ ଯୋଗଦେବା ଉଚିତ୍ ।

★ଅଲ୍ଲାଃତାଲା ତ ମୋମିନ୍‌ର ଚିହ୍ନ ଦର୍ଶାଇଛନ୍ତି କି **ରୁହମାଉ ବୈନାକୁମ୍** ଅର୍ଥାତ ସେମାନେ ପରସ୍ପର ସହ ପ୍ରେମ ଓ ସଦ୍‌ଭାବନା ପ୍ରଦର୍ଶନ କରିଥାନ୍ତି କିନ୍ତୁ ଅଲ୍ଲାଃତାଲା ଅମାନ୍ୟକାରୀଙ୍କ ଯେଉଁ ନକ୍ସା ଟାଣିଛନ୍ତି ତାହା ଆମକୁ ଏହି ମୁସଲମାନମାନଙ୍କଠାରେ ଦୃଶ୍ୟମାନ ହେଉଛି ଯେପରିକି ଉଲ୍ଲେଖ ରହିଛି **ୱ୍‌କୁଲୁବହୁମ୍ ଶତ୍‌ତା** ଅର୍ଥାତ ସେମାନଙ୍କ ହୃଦୟ ପରସ୍ପରଠାରୁ ଫାଟିଯାଇଛି । ପରସ୍ପର ଓ ଅନ୍ୟମାନଙ୍କ ସହିତ ଗୁପ୍ତ ଚୁକ୍ତି ପତ୍ର ସାକ୍ଷର କରି ଅଲ୍ଲାଃ ଓ ରସୁଲଙ୍କ ଅମାନ୍ୟ କରିଥାନ୍ତି ଏବଂ ଈଶ୍ୱରଭୟ ରଖିବାରୁ ଦୂରେଇ ଯାଇଥାନ୍ତି ।

★ବିଶ୍ୱସ୍ତରୀୟ ସଭା ମଧ୍ୟରେ ଗୋଟିଏ U.N.O ନାମକ ସଂସ୍ଥା ରହିଛି । ବିଗତ ଦିନ ତାହାର ଏକ ଅଧିବେସନରେ ଆମେରିକାର ରାଷ୍ଟ୍ରପତିଙ୍କ ଅଭିଭାଷଣ ଥିଲା, ଉକ୍ତ ଅଭିଭାଷଣ ପାଶ୍ଚାତ୍ୟ ଲିପିକାରମାନେ ଲେଖିଲେ ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଶାନ୍ତି ପ୍ରତିଷ୍ଠା ହେବା ପରିବର୍ତ୍ତେ ବିଭ୍ରାଟ ଓ ବିଶୃଙ୍ଖଳା ଅଧିକ ବଢିବାର ଆଶଙ୍କା ରହିଛି । ବରଂ ସେମାନେ ଏପରି ଲେଖିଲେ କି ସମ୍ଭବତଃ ଉକ୍ତ ଅଭିଭାଷଣରେ ସାଉଦି ଆରବ ଓ କିଛି ମୁସଲମାନ ଦେଶ ଆନନ୍ଦିତ ହେଉଥିବେ, ନଚେତ୍ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ, ବିଶୃଙ୍ଖଳିତ ଓ ଯୁଦ୍ଧର ଅଗ୍ନୀକୁ ପ୍ରଜ୍ୱଳିତ କରୁଥିବା ଭାଷଣ ଥିଲା । ଅତଏବ ମୁସଲମାନ ପ୍ରଶାସକମାନଙ୍କୁ ଅଲ୍ଲାଃତାଲାଙ୍କ ଆଦେଶ ପ୍ରତି ଦୃଷ୍ଟି ରଖିବା ଉଚିତ୍ ତଥା ସମସ୍ତ ପ୍ରକାର ବିଭ୍ରାଟ ଓ ବିଶୃଙ୍ଖଳାରୁ ନିବୃତ ରହିବା ଉଚିତ୍ ।

★ଏହି ଗୁରୁତ୍ୱପୂର୍ଣ୍ଣ କଥାକୁ ସମସ୍ତେ ମନେରଖିବା ଉଚିତ୍ କି ଯେଭଳି ଜମାଅତକୁ ଅଲ୍ଲାଃ ଉନ୍ନତି ପ୍ରଦାନ କରୁଥିବେ ଏବଂ କରୁଛନ୍ତି ସଇତାନ ମଧ୍ୟ ନିଜର କାର୍ଯ୍ୟ କରିଚାଲିବ । ସଇତାନ ତ ପ୍ରଥମ ଦିନ ହିଁ ଅଲ୍ଲାଃତାଲାଙ୍କ ନିକଟରେ ଏକଥା ପ୍ରକାଶ କରିଦେଇଥିଲା ଏବଂ ଅନୁମତି ନେଇଥିଲା କି ସେ ମୋମିନ୍‌ମାନଙ୍କୁ ପଥଭ୍ରଷ୍ଟ କରାଇବ । ଜମାଅତର ବିରୋଧିମାନେ ଯେଉଁସ୍ଥଳେ ମୁକ୍ତ ଭାବରେ ଜମାଅତ ବିରୁଦ୍ଧରେ ଯୋଜନା ପ୍ରସ୍ତୁତ କରୁଛନ୍ତି ଏବଂ ପ୍ରସ୍ତୁତ କରିଚାଲିଥିବେ ସେଠାରେ ସହାନୁଭୂତି ନାମରେ ସରଳ ଓ ଦୁର୍ବଳ ବିଶ୍ୱାସୀମାନଙ୍କୁ ବିଭ୍ରାଟ କରିବା ନିମନ୍ତେ ନିଜର ଅସ୍ତ୍ର ରୂପେ ବ୍ୟବହାର କରିଥାନ୍ତି । ସୁତରାଂ ପ୍ରତ୍ୟେକ ଅହେମଦିକୁ ଏଥିସମ୍ବନ୍ଧରେ ସଚେତନ୍ ରହିବା ଉଚିତ୍ ।

★ହଜୁର ଅନୱ୍ୱର ଅ.ବ କହିଲେ- ଏପରି ପରିହାସ ହେଉଥିବା ବୈଠକମାନଙ୍କରେ ବସିବା ଓ ସେମାନଙ୍କ ପ୍ରଶଂସା କରି ଭୟରେ ସେମାନଙ୍କ ହଁ ରେ ହଁ ମିଳାଇବା ଏବଂ ଧିର ଶ୍ୱରରେ କହିବା କି ତୁମେ ଏସବୁ ଭୁଲ୍ କରୁଛ ଏହା ଏପରି ନୁହେଁ ବରଂ ଏପରି ହେବା ଉଚିତ୍ କିନ୍ତୁ ମୁକ୍ତ ଭାବରେ (ତୁମର ଏପରି ତିରସ୍କାରର) ପ୍ରତିବାଦ ନକରିବା ନିଫାକ୍ (ଅମଣିଷତା)ଅଟେ । ଯାହାକି ଜଣେ ମୋମିନ୍‌ର ଆଚରଣ ନୁହେଁ । ଜଣେ ମୋମିନ୍‌ର ପ୍ରତିକ୍ରିୟା ଏଭଳି ହେବା ଉଚିତ୍ କି ଅଲ୍ଲାଃ, ରସୁଲ୍ ଓ ତାଙ୍କ ଜାମଅତର ବ୍ୟବସ୍ଥା ବିରୋଧରେ କୌଣସି କଥା ଶୁଣିଲେ ତାହାର ଦୃଢ ପ୍ରତିବାଦ କର ଏବଂ ଏପରି ପ୍ରଘଟନକାରୀଙ୍କୁ କୁହ କି ଯଦି ତୁମ ମତରେ ଏସବୁ ସଠିକ୍ ତେବେ ଖଲିଫା କିମ୍ବା ଜମାଅତର ବ୍ୟବସ୍ଥାକୁ ଅବଗତ କର କିନ୍ତୁ ଏପରି ଆଲୋଚନା କରିବା ଉଚିତ୍ ନୁହେଁ ।

★ହଜରତ ମହମ୍ମଦ ସ.ଆ ଏକଦା କହିଲେ- ଯେତେବେଳେ କୌଣସି ଦଳ ମସଜିଦ୍‌ରେ ଅଲ୍ଲାଃଙ୍କ ପୁସ୍ତକର ଅଧ୍ୟୟନ ଓ ପରସ୍ପରକୁ ଧର୍ମ ଶିକ୍ଷା ଦେବା ଉଦ୍ଦେଶ୍ୟରେ ବସନ୍ତି ତେବେ ଅଲ୍ଲାଃ ସେମାନଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ କରିଥାନ୍ତି ଏବଂ ଅଲ୍ଲାଃଙ୍କ ଦୟା ସେମାନଙ୍କୁ ଢାଙ୍କି ଦେଇଥାଏ ତଥା ଦେବଦୂତମାନେ ସେମାନଙ୍କୁ ନିଜ ଛତ୍ରଛାୟାରେ ନେଇଥାନ୍ତି । ଅଲ୍ଲାଃଙ୍କର ଅଶେଷ କୃପା କି ଜମାଅତକୁ ଏଭଳି ସୁଯୋଗ ମିଳିଚାଲିଛି । ଏହିପରି ହଜୁର ସ.ଆ ଆଉ ଏକ ଅବସରରେ କହିଲେ ଯେଉଁ ଲୋକମାନେ କୌଣସି ବୈଠକରେ ଯୋଗଦେଇଥାନ୍ତି ଏବଂ ସେଠାରେ ଅଲ୍ଲାଃଙ୍କ ପ୍ରଶଂସାଗାନ କରିନଥାନ୍ତି ସେମାନେ (ପରବର୍ତ୍ତୀ ସମୟରେ) ନିଜ ବୈଠକଗୁଡ଼ିକୁ ଉତ୍କଣ୍ଠାର ସହିତ ଦେଖିବେ ।

★ହଜରତ ମସିହ ମଉଦ ଆ.ସ କୁହନ୍ତି ଯଦି ଜଣେ ସତ୍ୟବାଦୀ ଓ ସତ୍ୟନିଷ୍ଠ ବ୍ୟକ୍ତି ସଙ୍ଗତରେ ରୁହେ ତେବେ ସତ୍ୟତା ତାହା ଉପରେ ପ୍ରଭାବ ପକାଇଥାଏ । କିନ୍ତୁ ଯେତେବେଳେ ଜଣେ ସତ୍ୟବାଦୀଙ୍କ ସଙ୍ଗତ ତ୍ୟାଗ କରି ମନ୍ଦ ଓ ଅପକର୍ମୀଙ୍କ ସଙ୍ଗତ ସ୍ୱୀକାର କରେ ସେତେବେଳେ ତାହା ଉପରେ ମନ୍ଦର ପ୍ରଭାବ ପଡ଼ିଥାଏ ।

★ହଜୁର ଆ.ସ ଆହୁରି କୁହନ୍ତି କି ସତ୍ୟବାଦୀଙ୍କ ନିକଟରେ ରହୁଥିବା ବ୍ୟକ୍ତି ମଧ୍ୟ ସେମାନଙ୍କ ସହିତ ଗଣନା ହୋଇଥାନ୍ତି । ଅତଏବ **କୁନୁ ମାଅସ୍ ସାଦିକିନ୍**ର କିଭଳି ଗୁରୁତ୍ୱ ରହିଛି କି ଉତମ ଆଦେଶର ପାଳନ କର ।

★ହଜରତ ମସିହ ମଉଦ ଆ.ସ କୁହନ୍ତି- ଏହା ଅତ୍ୟନ୍ତ ଜରୁରୀ କି ତୁମେ ଦୁଆ ମାଧ୍ୟମରେ ଅଲ୍ଲାଃଙ୍କୁ ଚିହ୍ନିବାର କାମନା କର । ଏତତ୍ ବ୍ୟତୀତ ବିଶ୍ୱାସ କଦାପି ପୂର୍ଣ୍ଣତା ଲାଭ କରିନଥାଏ ଏବଂ ଏହା ସେତେବେଳେ ଲାଭ ହୋଇଥାଏ ଯେତେବେଳେ ଏହା ଜ୍ଞାତ ହୁଏ କି ଅଲ୍ଲାଃଙ୍କ ସହ ସମ୍ପର୍କ ତୁଟାଇବା ଏକ ପ୍ରକାର ମୃତ୍ୟୁକୁ ବରଣ କରିବା ଅଟେ ।

★ହଜୁର ଅନୱ୍ୱର ଅ.ବ କହିଲେ- ଅଲ୍ଲାଃତାଲା ଆମ୍ଭକୁ ଶକ୍ତି ପ୍ରଦାନ କରନ୍ତୁ ଆମେ ସର୍ବଦା ମନ୍ଦ ବୈଠକରୁ ନିବୃତ ରହୁ ଓ ଯଦି କଦାଚିତ୍ ଅଜାଣତରେ ସାମିଲ ହୋଇଯାଉ ତେବେ ତାହାର କୁପ୍ରଭାବରୁ ସୁରକ୍ଷିତ ରହୁ ।

---

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]
## (ପ୍ରଦତ୍ତ: ୨୨ ସେପ୍ଟେମ୍ବର ୨୦୧୭ ଅନୁଯାୟୀ ୨୨ ତବୁକ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ

أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ـ بِسْمِ اللّٰهِ الرَّحْمٰنِ الرَّحِيْمِ

اَلْحَمْدُ لِلّٰهِ رَبِّ الْعٰلَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ إِيَّاكَ نَعْبُدُ وَإِيَّاكَ نَسْتَعِيْنُ

اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱ୍ୱର ଅ:ବ କହିଲେ- ସଂସାରରେ ବିଭିନ୍ନ କିସମର ବୈଠକମାନ ଆୟୋଜିତ ହୋଇଥାଏ । ସେ ସମସ୍ତ ପ୍ରକାର ସଭା, ସମିତି, କମିଟି ତଥା ମିଳିମିଶି ବସିବା ସଂସାର ଉପାର୍ଜନ ପାଇଁ ଡ଼କାଯାଇଥାଏ । ଅଲ୍ଲାଃ ଓ ତାଙ୍କ ପ୍ରୀତିଭାଜନ ଲାଭ କରିବା କିମ୍ବା ଅଲ୍ଲାଃଙ୍କ ସାନିଧ୍ୟ ଲାଭ କରିବା ଉଦ୍ଦେଶ୍ୟରେ ଆୟୋଜିତ ହୋଇନଥାଏ । ଯଦି ମାନବ କଲ୍ୟାଣ ପାଇଁ କୌଣସି ସଭା ବସେ ଓ ଆଲୋଚନା ହୁଏ ତେବେ ମଧ୍ୟ ସେଥିରେ ମୂଳ ପ୍ରସଙ୍ଗ ସଂସାର ପ୍ରାପ୍ତି ରହିଥାଏ । କିନ୍ତୁ କେତେକ ସଭାର ଆୟୋଜନ ଧାର୍ମିକ କ୍ଷେତ୍ରରେ (ଉନ୍ନତି) ସାଧନ ନିମନ୍ତେ ମଧ୍ୟ ଅନୁଷ୍ଠିତ ହୋଇଥାଏ । ଯେଉଁଥିରେ ମଣିଷକୁ ତାହାର ସୃଷ୍ଟିକର୍ତ୍ତାଙ୍କ ନିକଟବର୍ତ୍ତୀ କରିବା ପାଇଁ

ଯୋଜନା ପ୍ରସ୍ତୁତ କରାଯାଇଥାଏ । ଏପରି ବୈଠକରେ ଯୋଗଦାନକାରୀ କେବଳ ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ସେଥିରେ ସାମିଲ ହୋଇଥାନ୍ତି ଏବଂ ଏପରି ବୈଠକମାନ ଅଲ୍ଲାଃତାଲାଙ୍କୁ ଅତ୍ୟନ୍ତ ପସନ୍ଦ ଅଟେ । ଏଭଳି ବୈଠକର ପରିଣାମ ମଧ୍ୟ ଏହି ସଂସାରରେ ଦେଖିବାକୁ ମିଳିଥାଏ ଏବଂ ଏଭଳି ବୈଠକରେ ଯୋଗଦାନକାରୀଙ୍କୁ ଅଲ୍ଲାଃ ସେମାନଙ୍କ ଦେହାନ୍ତ ପରେ ତାହାର ଉତମ ସୁଫଳ ପ୍ରଦାନ କରିଥାନ୍ତି । ସୁତରାଂ ଜଣେ ମୋମିନ୍ ସେ ଯେକୌଣସି ପ୍ରକାରର ବୈଠକ ତାହା ଘରେ ହେଉ ଅବା ବାହାରେ, ଯୋଗଦିଅନ୍ତୁ ନା କାହିଁକି ତାଙ୍କର ମୂଳ ଲକ୍ଷ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଲାଭ କରିବା ରହିବା ଉଚିତ୍ ଏବଂ କିଭଳି ନିଜ ଆଧ୍ୟାତ୍ମିକତାକୁ ବଜାୟ ରଖି ସେଥିରେ ଉନ୍ନତି କରିବା ତଥା ନିଜ ଓ ମୋମିନ୍‌ମାନଙ୍କ ଅବସ୍ଥାରେ କିଭଳି ଉନ୍ନତି ଆଣିପାରିବା ତାହା ହିଁ ଲକ୍ଷ ରହିବା ଆବଶ୍ୟକ । ଯଦିଓ ଜଣେ ମୋମିନ୍‌ର ସାଂସାରିକ ସଭାରେ ମଧ୍ୟ ଅଲ୍ଲାଃଙ୍କ ଚର୍ଚ୍ଚା କରିବାରୁ ଖାଲିନଥାଏ । ସାଂସାରିକ କାର୍ଯ୍ୟ କରିବା ସତ୍ୱେ ସେମାନେ ମନ୍ଦକର୍ମରୁ ମଧ୍ୟ ନିବୃତ ରହିଥାନ୍ତି ।

ଜଣେ ମୋମିନ୍‌ଠାରୁ ଏସବୁ ଆଦେଶ ପାଳନ କରିବାର ଆଶା ରଖାଯାଇଥାଏ । ପବିତ୍ର କୋରାନରେ ଅଲ୍ଲାଃତାଲା ମୋମିନ୍‌ମାନଙ୍କ ବୈଠକ ସଂକ୍ରାନ୍ତରେ ନିର୍ଦ୍ଦେଶ ରହିଛି କି ସେମାନେ ବିଦ୍ରୋହ ଓ ବିଭ୍ରାଟ ସୃଷ୍ଟିକାରୀ, ପାପ ତଥା ଅବତାରଙ୍କ ଅମାନ୍ୟ କରିବା ବୈଠକ ଆଦିରୁ ଦୂରେଇ ରହି ଈଶ୍ୱରଭୟ ଧାରଣକାରୀଙ୍କ ବୈଠକରେ ଯୋଗଦେବା ଉଚିତ୍ । କିନ୍ତୁ ଦୁର୍ଭାଗ୍ୟ ଆଜିକାଲି ମୁସଲମାନମାନଙ୍କ ଅଧିକାଂଶ ସମାଗମ ଏହାର ବିପରୀତ ଅଟେ । ଆଜି ଜଣେ ମୁସଲମାନ ନିଜ ମୁସଲମାନ ଭାଇର ବ୍ୟାପକ କ୍ଷୟକ୍ଷତି କରିବା ଉଦ୍ଦେଶ୍ୟରେ ପ୍ରଚେଷ୍ଟା ଓ ଯୋଜନା ପ୍ରସ୍ତୁତ କରୁଛନ୍ତି । ଅଲ୍ଲାଃତାଲା କୁହନ୍ତି **ୟାଅୟୁହଲ୍ ଲଜିନା ଆମନୁ ଇଜାତନାଜୈତୁମ୍ ଫଲାତନାଜ୍ୱୈ ବିଲ୍ ଇସ୍‌ମି ୱ୍ୱଲ୍‌ଉଦୱ୍ୱାନି ୱ୍ୱ ମାସିୟାତିର୍ ରସୁଲି ୱ୍ୱ ତନାଜୈୱ୍ୱ ବିଲ୍ ବିର୍‌ରି ୱ୍ୱତ୍‌ତକ୍‌ୱ୍ୱା । ୱ୍ୱତ୍‌ତକୁଲ୍ଲାହାଲ୍ ଲଜି ଇଲୈହି ତୁହ୍‌ଶରୁନ୍** ଅର୍ଥାତ ହେ ବିଶ୍ୱାସକାରୀମାନେ ! ଯେବେ ତୁମେ ଗୁପ୍ତ ପରାମର୍ଶ କର ତେବେ ପାପ, ସୀମାଲଂଘନ ଓ ରସୁଲଙ୍କ ଅବଜ୍ଞା ବିଷୟରେ ଗୁପ୍ତ ପରାମର୍ଶ କରନାହିଁ ବରଂ ପୁଣ୍ୟକାର୍ଯ୍ୟ ଓ ଈଶ୍ୱରଭୟ ସଂକ୍ରାନ୍ତରେ ପରସ୍ପର ମନ୍ତ୍ରଣା କର ଏବଂ ଅଲ୍ଲାଃଙ୍କୁ ହିଁ ଭୟକର ଯାହାଙ୍କ ନିକଟକୁ ତୁମ ସମସ୍ତଙ୍କୁ ଫେରାଇ ନିଆଯିବ ।

ଯେପରିକି ମୁଁ କହିଲି ମୁସଲମାନମାନେ ଅଲ୍ଲାଃଙ୍କ ଉକ୍ତ ଆଦେଶ ପାସୋରି ବସିଛନ୍ତି । ପାରସ୍ପରିକ ମତଭେଦ ଚରମସୀମାକୁ ପହଂଚିଯାଇଛି । ଅଲ୍ଲାଃତାଲା ତ ମୋମିନ୍‌ର ଚିହ୍ନ ଦର୍ଶାଇଛନ୍ତି କି **ରୁହମାଉ ବୈନାକୁମ୍** ଅର୍ଥାତ ସେମାନେ ପରସ୍ପର ସହ ପ୍ରେମ ଓ ସଦ୍‌ଭାବନା ପ୍ରଦର୍ଶନ କରିଥାନ୍ତି କିନ୍ତୁ ଅଲ୍ଲାଃତାଲା ଅମାନ୍ୟକାରୀଙ୍କ ଯେଉଁ ନକ୍ସା ଟାଣିଛନ୍ତି ତାହା ଆମକୁ ଏହି ମୁସଲମାନମାନଙ୍କଠାରେ ଦୃଶ୍ୟମାନ ହେଉଛି ଯେପରିକି ଉଲ୍ଲେଖ ରହିଛି **ୱ୍ୱକୁଲୁବହୁମ୍ ଶତ୍‌ତା** ଅର୍ଥାତ ସେମାନଙ୍କ ହୃଦୟ ପରସ୍ପରଠାରୁ ଫାଟିଯାଇଛି । ପରସ୍ପର ଓ ଅନ୍ୟମାନଙ୍କ ସହିତ ଗୁପ୍ତ ଚୁକ୍ତି ପତ୍ର ସାକ୍ଷର କରି ଅଲ୍ଲାଃ ଓ ରସୁଲଙ୍କ ଅମାନ୍ୟ କରିଥାନ୍ତି ଏବଂ ଈଶ୍ୱରଭୟ ରଖିବାରୁ ଦୂରେଇ ଯାଇଥାନ୍ତି । ଯେପରି ଅଲ୍ଲାଃଙ୍କ ଭୟ ସେମାନଙ୍କ ଭିତରୁ ଉଭେଇ ଯାଇଛି । ଏପରି ଅବସ୍ଥାରେ ଯେଭଳି ବଡ଼ ଶକ୍ତି ସେମାନଙ୍କୁ ଅଲ୍ଲାଃ ଓ ରସୁଲଙ୍କ ଅମାନ୍ୟ କରିବା ଓ ଈଶ୍ୱରଙ୍କଭୟ ନରଖିବାର ଦଣ୍ଡରୁ ରକ୍ଷା କରିପାରିବ ନାହିଁ । ସେମାନଙ୍କଠାରେ ଅଲ୍ଲାଃଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ଶେଷ ହୋଇଯାଇଛି ନଚେତ୍ ଯଦି ସେମାନଙ୍କ ମଧ୍ୟରେ ତିଳେମାତ୍ର ଅଲ୍ଲାଃଙ୍କ ଅସ୍ତିତ୍ୱର ଉପରେ ଆସ୍ଥା ଓ ବିଶ୍ୱାସ ଥାନ୍ତା ତେବେ ମୁସଲମାନ ମୁଖ୍ୟ ଓ ପ୍ରଶାସକମାନେ ଏପରି ହୋଇନଥାନ୍ତେ । ତେବେ ସେ ଯାହା ହେଉ ଏପରି ଅବସ୍ଥାରେ ଆମର କର୍ତବ୍ୟ କି ଆମେ ଏପରି ସମସ୍ତ ପ୍ରକାର ଚିନ୍ତାଧାରାରୁ ଯେଉଁସ୍ଥଳେ ନିଜକୁ ପବିତ୍ର ରଖି ଅଲ୍ଲାଃଙ୍କ ଭୟକୁ ନିଜ ଭିତରେ ଅଭିବୃଦ୍ଧି କରିବାର ଅଛି ସେଠାରେ ଉକ୍ତ ଲୋକମାନଙ୍କ ସହ ସମ୍ପର୍କୀତ ଲୋକମାନଙ୍କୁ ଯେଭଳି ସମ୍ଭବ ନିଜ ସୀମା ମଧ୍ୟରେ ରହି ବୁଝାଇବା ଉଚିତ୍ ଯେ, ତୁମର ଏହି ଅବସ୍ଥା କେବଳ ତୁମକୁ ସେମାନଙ୍କ ଦାସ କରିଦେବ ନାହିଁ ବରଂ ତୁମେ ଅଲ୍ଲାଃଙ୍କ ଦଣ୍ଡ ବିଧାନର ମଧ୍ୟ ଅଧିକାରୀ କରିଦେବ । ତୁମେ ଯେଉଁ ଲୋକମାନଙ୍କ ପଛରେ ପଡ଼ିଛ ସେମାନେ ମଧ୍ୟ ତୁମ ହାତରୁ ଖସିଯିବେ ଆଉ ଧର୍ମକୁ ତ ତୁମେ ପ୍ରଥମରୁ ହାତଛଡ଼ା କରିବସିଛ । ସୁତରାଂ ବର୍ତମାନ ତୁମେ ଅଲ୍ଲାଃଙ୍କ ଭୟକୁ ହୃଦୟରେ ସ୍ଥାନଦିଅ ନଚେତ୍ ସବୁକିଛି ହାତରୁ ଚାଲିଯିବ ।

ବିଶ୍ୱସ୍ତରୀୟ ସଭା ମଧ୍ୟରେ ଗୋଟିଏ U.N.O ନାମକ ସଂସ୍ଥା ରହିଛି । ବିଗତ ଦିନ ତାହାର ଏକ ଅଧିବେସନରେ ଆମେରିକାର ରାଷ୍ଟ୍ରପତିଙ୍କ ଅଭିଭାଷଣ ଥିଲା, ଉକ୍ତ ଅଭିଭାଷଣ ପାଶ୍ଚାତ୍ୟ ଲିପିକାରମାନେ ଲେଖିଲେ ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଶାନ୍ତି ପ୍ରତିଷ୍ଠା ହେବା ପରିବର୍ତେ ବିଭ୍ରାଟ ଓ ବିଶୃଙ୍ଖଳା ଅଧିକ ବଢିବାର ଆଶଙ୍କା ରହିଛି । ବରଂ ସେମାନେ ଏପରି ଲେଖିଲେ କି ସମ୍ଭବତଃ ଉକ୍ତ ଅଭିଭାଷଣରେ ସାଉଦି ଆରବ ଓ କିଛି ମୁସଲମାନ ଦେଶ ଆନନ୍ଦିତ ହେଉଥିବେ, ନଚେତ୍ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ, ବିଶୃଙ୍ଖଳିତ ଓ ଯୁଦ୍ଧର ଅଗ୍ନୀକୁ ପ୍ରଜ୍ୱଳିତ କରୁଥିବା ଭାଷଣ ଥିଲା । ଅତଏବ ମୁସଲମାନ ପ୍ରଶାସକମାନଙ୍କୁ ଅଲ୍ଲାଃତାଲାଙ୍କ ଆଦେଶ ପ୍ରତି ଦୃଷ୍ଟି ରଖିବା ଉଚିତ୍ ତଥା ସମସ୍ତ ପ୍ରକାର ବିଭ୍ରାଟ ଓ ବିଶୃଙ୍ଖଳାରୁ ନିବୃତ ରହିବା ଉଚିତ୍ ।

ସେ ଯାହା ହେଉ ମୁସଲମାନ ଦେଶମାନଙ୍କରେ ଯାହା କିଛି ହେଉଅଛି ତାହାର ମୁଁ ଆଂଶିକ ଚର୍ଚ୍ଚା କରିଦେଲି କିନ୍ତୁ ଆମ୍ଭକୁ ନିଜ ଅବସ୍ଥାର ମଧ୍ୟ ଅନୁଧ୍ୟାନ କରିବା ଉଚିତ୍ । ସର୍ବଦା ମନେରଖିବେ ସଇତାନ ଏହା କଦାପି ବରଦାସ୍ତ କରିବ ନାହିଁ କି ଜମାଅତ ଉନ୍ନତି କରିଚାଲୁ । ସଇତାନ ସର୍ବଦା ନିଜ ସ୍ୱଭାବ ମୁତାବକ ଆମମାନଙ୍କ ମଧ୍ୟରେ ଅଶାନ୍ତି ଓ ମତଭେଦ ସୃଷ୍ଟି କରିବାକୁ ଚେଷ୍ଟା କରିବ । ସୁତରାଂ ଯେଉଁମାନେ କଦାଚିତ୍ ଏକାଠି ବସି ନିଜ ସାହି କିମ୍ୱା ସହର କିମ୍ୱା ଦେଶୀୟ ଜମାଅତର ବ୍ୟବସ୍ଥା ସମ୍ୱନ୍ଧରେ ଆଲୋଚନା କରନ୍ତି ସେମାନେ ସଇତାନର ଫାସରେ ପଡ଼ିଯାଇଥାନ୍ତି । ଯେହେତୁ ସଇତାନ ଲୋକଙ୍କ ଶୁଭାକାଂକ୍ଷି ହୋଇ ସେମାନଙ୍କ ଉପରେ ଆକ୍ରମଣ କରିଥାଏ, ତେଣୁ ଏଭଳି ବୈଠକମାନଙ୍କରେ ଏପରି ଲୋକ ମଧ୍ୟ ସାମିଲ ହୋଇଯାଇଥାନ୍ତି, ଯେ ପ୍ରକୃତରେ ଜମାଅତ ବ୍ୟବସ୍ଥାର ବିରୋଧି ନଥାନ୍ତି । ଏଣେ ତେଣେ ବୈଠକ ବସାଇ ଏପରି ଆଲୋଚନା କରିବା ଯେମିତି ଅତ୍ୟନ୍ତ ଗୁପ୍ତ ପରାମର୍ଶ ହେଉଛି, ବଡ଼ ଗୁରୁତ୍ୱପୂର୍ଣ୍ଣ ଚର୍ଚ୍ଚା ଚାଲିଛି ଓ ଜମାଅତ ପ୍ରତି ଦରଦ ଥିବାରୁ ଆଲୋଚନା କରାଯାଉଅଛି, ଏସବୁ ଅସତ୍ ମାର୍ଗ ତଥା ପାପ, ବିଶୃଙ୍ଖଳା ଓ ରସୁଲଙ୍କ ଅମାନ୍ୟ ତଥା ଈଶ୍ୱର ଭୟଠାରୁ ମଣିଷକୁ ଦୂରେଇ ନେଇଯିବା କାର୍ଯ୍ୟ ଅଟେ । ଅତଏବ ଏଭଳି ବୈଠକମାନଙ୍କରୁ ଅଲ୍ଲାଃତାଲା ମୋମିନ୍‌ମାନଙ୍କୁ ନିବୃତ ରହିବାକୁ ସଚେତନ କରିଛନ୍ତି । କୌଣସି କର୍ମକର୍ତା କିମ୍ୱା ଅମିର୍ ବିରୁଦ୍ଧରେ ଅଭିଯୋଗ ଥିଲେ ମରକଜ୍‌କୁ କିମ୍ୱା ଖଲିଫାଙ୍କୁ ଜଣାଇବା ଉଚିତ୍ । ସେତିକିରେ ଉକ୍ତ ବ୍ୟକ୍ତିର କର୍ତବ୍ୟ ଶେଷ ହୋଇଯାଇଥାଏ, ତାପରେ ତାହା ଖଲିଫାଙ୍କ କର୍ତବ୍ୟ କି କେଉଁ ମାମଲାକୁ ସେ କିଭଳି ଦେଖିବେ ଏବଂ ତାହର ସମାଧାନ କରିବେ । ହଁ ପ୍ରତ୍ୟେକଙ୍କୁ ଦୁଆ କରିବା ଆବଶ୍ୟକ, ପ୍ରତ୍ୟେକ ଅହେମଦିଙ୍କୁ ଦରଦ୍‌ର ସହିତ ଦୁଆ କରିବା ଉଚିତ୍ କି ଅଲ୍ଲାଃତାଲା ସମସ୍ତ ପ୍ରକାରର ଅପକର୍ମକୁ ଜମାଅତରୁ ବାହାର କରିଦିଅନ୍ତୁ ଏବଂ ସର୍ବଦା ଈଶ୍ୱରଭୟ ରଖି ଚାଲୁଥିବା ଓ କାର୍ଯ୍ୟ କରୁଥିବା ଲୋକଙ୍କୁ ଜମାଅତକୁ ପ୍ରଦାନ କରିଚାଲନ୍ତୁ ।

ଏହି ଗୁରୁତ୍ୱପୂର୍ଣ୍ଣ କଥାକୁ ସମସ୍ତେ ମନେରଖିବା ଉଚିତ୍ କି ଯେଭଳି ଜମାଅତକୁ ଅଲ୍ଲାଃ ଉନ୍ନତି ପ୍ରଦାନ କରୁଥିବେ ଏବଂ କରୁଛନ୍ତି ସଇତାନ ମଧ୍ୟ ନିଜର କାର୍ଯ୍ୟ କରିଚାଲିବ । ସଇତାନ ତ ପ୍ରଥମ ଦିନ ହିଁ ଅଲ୍ଲାଃତାଲାଙ୍କ ନିକଟରେ ଏକଥା ପ୍ରକାଶ କରିଦେଇଥିଲା ଏବଂ ଅନୁମତି ନେଇଥିଲା କି ସେ ମୋମିନ୍‌ମାନଙ୍କୁ ପଥଭ୍ରଷ୍ଟ କରାଇବ । ଜମାଅତର ବିରୋଧିମାନେ ଯେଉଁସ୍ଥଳେ ମୁକ୍ତ ଭାବରେ ଜମାଅତ ବିରୁଦ୍ଧରେ ଯୋଜନା ପ୍ରସ୍ତୁତ କରୁଛନ୍ତି ଏବଂ ପ୍ରସ୍ତୁତ କରିଚାଲିଥିବେ ସେଠାରେ ସହାନୁଭୂତି ନାମରେ ସରଳ ଓ ଦୁର୍ବଳ ବିଶ୍ୱାସୀମାନଙ୍କୁ ବିଭ୍ରାଟ କରିବା ନିମନ୍ତେ ନିଜର ଅସ୍ତ୍ର ରୂପେ ବ୍ୟବହାର କରିଥାନ୍ତି । ସୁତରାଂ ପ୍ରତ୍ୟେକ ଅହେମଦିଙ୍କୁ ଏଥିସମ୍ୱନ୍ଧରେ ସଚେତନ୍ ରହିବା ଉଚିତ୍ । ଅଲ୍ଲାଃ ଜମାଅତକୁ ପ୍ରତ୍ୟେକ ପ୍ରକାର ଆଭ୍ୟନ୍ତର ଓ ବାହ୍ୟ ବିଭ୍ରାଟରୁ ରକ୍ଷା କରନ୍ତୁ ଏବଂ ପ୍ରତ୍ୟେକ ସଦସ୍ୟଙ୍କୁ ସର୍ବଦା ଉତମ କର୍ମ ଓ ଈଶ୍ୱରଭୟ ରଖୁଥିବା ବୈଠକରେ ଯୋଗଦେବା ଓ ତାହାର ଅଂଶ ହେବାର ଶକ୍ତି ପ୍ରଦାନ କରନ୍ତୁ ନା କି ପାପ, ବିଶୃଙ୍ଖଳା ଓ ରସୁଲଙ୍କ ଅମାନ୍ୟ ତଥା ଈଶ୍ୱର ଭୟଠାରୁ ମଣିଷକୁ ଦୂରେଇ ନେଉଥିବା ବୈଠକରେ ଯୋଗଦେଉ ।

ବୈଠକର ବିଭିନ୍ନ କିସମ ଓ ତାହର ଅବସ୍ଥା ସମ୍ୱନ୍ଧରେ ହଜରତ ମହମ୍ମଦ ସ.ଆ ଓ ହଜରତ ମସିହ ମଉଦ ଆ.ସ କେତେକ ତଥ୍ୟ ପ୍ରଦାନ କରିଛନ୍ତି, ଏଠାରେ ମୁଁ ତାହାର ମଧ୍ୟ ଚର୍ଚ୍ଚା କରିଦେଉଛି । ହଜରତ ମସିହ ମଉଦ ଆ.ସ କୁହନ୍ତି- ଯଦି ଦେଖ କି କୌଣସି ସଭାରେ ଅଲ୍ଲାଃ ଓ ତାଙ୍କ ରସୁଲଙ୍କ ସହ ପରିହାସ କରାଯାଉଅଛି ତେବେ ସେଠାରୁ ଉଠି ଚାଲିଆସ ଯଦ୍ୱାରା ତୁମେ ସେମାନଙ୍କ ମଧ୍ୟରେ ପରିଗଣିତ ହେବ ନାହିଁ ନଚେତ୍ ମୁକ୍ତ ଭାବରେ ତାହାର ଉତର ଦିଅ ।

ହଜୁର ଅନୱ୍ୱର ଅ.ବ କହିଲେ- ଏପରି ପରିହାସ ହେଉଥିବା ବୈଠକମାନଙ୍କରେ ବସିବା ଓ ସେମାନଙ୍କ ପ୍ରଶଂସା କରି ଭୟରେ ସେମାନଙ୍କ ହଁ ରେ ହଁ ମିଳାଇବା ଏବଂ ଧିର ଶ୍ୱରରେ କହିବା କି ତୁମେ ଏସବୁ ଭୁଲ୍ କରୁଛ ଏହା ଏପରି ନୁହେଁ ବରଂ ଏପରି ହେବା ଉଚିତ୍ କିନ୍ତୁ ମୁକ୍ତ ଭାବରେ (ତୁମର ଏପରି ତିରସ୍କାରର) ପ୍ରତିବାଦ ନକରିବା ନିଫାକ୍ (ଅମଣିଷତା)ଅଟେ । ଯାହାକି ଜଣେ ମୋମିନ୍‌ର ଆଚରଣ ନୁହେଁ । ଜଣେ ମୋମିନ୍‌ର ପ୍ରତିକ୍ରିୟା ଏଭଳି ହେବା ଉଚିତ୍ କି ଅଲ୍ଲାଃ, ରସୁଲ୍ ଓ ତାଙ୍କ ଜାମଅତର ବ୍ୟବସ୍ଥା ବିରୋଧରେ କୌଣସି କଥା ଶୁଣିଲେ ତାହାର ଦୃଢ ପ୍ରତିବାଦ କର ଏବଂ ଏପରି ପ୍ରଘଟନକାରୀଙ୍କୁ କୁହ କି ଯଦି ତୁମ ମତରେ ଏସବୁ ସଠିକ୍ ତେବେ ଖଲିଫା କିମ୍ୱା ଜମାଅତର ବ୍ୟବସ୍ଥାକୁ ଅବଗତ କର କିନ୍ତୁ ଏପରି ଆଲୋଚନା କରିବା ଉଚିତ୍ ନୁହେଁ । ଯଦି ଏପରି ବୈଠକରେ ଜଣେ ବସିରୁହେ ଏବଂ ଧିର ଶ୍ୱରରେ ପ୍ରତିବାଦ କରେ ଏବଂ ମୁକ୍ତ ଭାବରେ ବିରୋଧ କରେ ନାହିଁ ତେବେ ହଜରତ ମସିହ ମଉଦ ଆ.ସ କୁହନ୍ତି କି ଏହା ନିଫାକ୍ ଅଟେ । ଏଥିରୁ ଜଣେ ମୋମିନ୍‌କୁ ନିବୃତ ରହିବା ଉଚିତ୍ ଏବଂ ଧର୍ମ (ଜମାଅତର) ବ୍ୟବସ୍ଥା ମାମଲାରେ କଦାପି ନିର୍ଲଜ୍ଜତା ପ୍ରଦର୍ଶନ କରିବା ଉଚିତ୍ ନୁହେଁ । ନିଜ ସ୍ୱାଭିମାନର ପ୍ରକାଶ ଦୁଇଟି ଉପାୟରେ କରାଯାଇଥାଏ ମୁକ୍ତ ଭାବରେ ଉତର ଦେବା ନଚେତ୍ ସେଠାରୁ ଉଠି ଚାଲିଆସିବା । ଏହାର ହିଁ ଅଲ୍ଲାଃ ଆଦେଶ ଦେଇଛନ୍ତି ଏବଂ ଏହାର ସ୍ପଷ୍ଟିକରଣ କରି ହଜରତ ମହମ୍ମଦ ସ.ଆ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।

ସୁତରାଂ ଦରଜ ଅଛି କି ଜଣେ ସାହାବି ହଜରତ ମହମ୍ମଦ ସ.ଆଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ମୋତେ କିଛି ଉପଦେଶ ଦିଅନ୍ତୁ । ହଜୁର ସ.ଆ କହିଲେ ଅଲ୍ଲାଃଙ୍କୁ ଭୟ କର ଓ ଯେତେବେଳେ କୌଣସି ଗୋଷ୍ଠୀର ବୈଠକରେ

ଯୋଗଦିଅ ଏବଂ ସେମାନଙ୍କୁ ନିଜ ସ୍ୱଭାବ ମୁତାବକ ଆଲୋଚନା କରିବାର ଦେଖ ତେବେ ସେଠାରେ ରହିଯାଅ ଅର୍ଥାତ ଯଦି ଭଲ ଚର୍ଚ୍ଚା କରୁଥାନ୍ତି ଓ ବିଭ୍ରାଟ ଓ ବିଶୃଙ୍ଖଳାପୂର୍ଣ୍ଣ ଚର୍ଚ୍ଚା କରୁନଥାନ୍ତି ତେବେ ସେଠାରେ ବସିରୁହ । କିନ୍ତୁ ଯଦି ସେମାନେ ଏପରି ଚର୍ଚ୍ଚା କରୁଥାନ୍ତି ଯାହାକି ତୁମେ ପସନ୍ଦ କର ନାହିଁ ତେବେ ସେଠାରୁ ଉଠି ଚାଲିଆସ । ହଜରତ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ବାସ ବର୍ଣ୍ଣନା କରିଛନ୍ତି ଜଣେ ହଜୁର ସ.ଆଙ୍କୁ ପଚାରିଲେ ଆମକୁ କିଭଳି ଲୋକମାନଙ୍କ ସଭାରେ ଯୋଗଦେବା ଉଚିତ୍ ? ହଜୁର ସ.ଆ ଉତର ଦେଲେ ତୁମେ ସେହିମାନଙ୍କ ବୈଠକରେ ଯୋଗଦିଅ ଯାହାଙ୍କୁ ଦେଖିଲେ ତୁମର ସର୍ବଶକ୍ତିମାନ ଅଲ୍ଲାଃ ମନେପଡ଼ିବେ ଏବଂ ଯେଉଁମାନଙ୍କ ଆଲୋଚନା ଶୁଣିଲେ ତୁମ ଧାର୍ମିକ ଜ୍ଞାନରେ ଅଭିବୃଦ୍ଧି ଘଟିବ ତଥା ଯେଉଁମାନଙ୍କ ଅମଲ ଦେଖି ତୁମକୁ ଅନ୍ତିମ ଦିବସ ମନେପଡୁଥିବ । ସୁତରାଂ ଏହା ସେହି ମାର୍ଗଦର୍ଶକ ନିୟମ ଯାହାକି ଜଣେ ମୋମିନ୍‌କୁ ନିଜ ବୈଠକର ଚୟନ କଲାବେଳେ ନିଜ ସମ୍ମୁଖରେ ରଖିବା ଉଚିତ୍ । ଯଦି ତାହା କେବଳ ଏକ ସାଂସାରିକ ବୈଠକ ହୋଇଥାଏ ତେବେ ତାହାକୁ ଜଣେ ମୋମିନ୍ ପସନ୍ଦ କରିବା କଥା ନୁହେଁ । ଏପରି ବୈଠକରେ ମୁହୁର୍ତେ ମଧ୍ୟ ବସିରହିବା ଉଚିତ୍ ନୁହେଁ । ଯଦି ଏହି ଉପଦେଶ ପ୍ରତି ଆମ ଧ୍ୟାନ ରୁହେ ତେବେ ଆମର ଗୁରୁଜନ ଓ ଯୁବକ ଉଭୟ ଅନେକ ମନ୍ଦକର୍ମରୁ ରକ୍ଷା ପାଇଯିବେ ।

ଜମାଅତରେ ମଧ୍ୟ ଏପରି ଘଟଣା ଘଟିଥାଏ କି ଖରାପ ସଙ୍ଗତ ଓ ଖରାପ ବୈଠକର ପ୍ରଭାବରେ ଆମ ଯୁବପିଢି କେତେକ ଏପରି ହରକତ କରିବସିଥାନ୍ତି ଯାହାକି ଅନ୍ୟର କ୍ଷତି ସାଧିତ କରିଥାଏ । ପଡ଼ୋସି କିମ୍ବା ପଥିକର କ୍ଷତି କରିବସିଥାନ୍ତି କିମ୍ବା କୌଣସି ସ୍ଥାନକୁ ଯାଇଥାନ୍ତି ତ ଦୁଷ୍ଟାମି କରିବାକୁ ଯାଇ କାହାର କ୍ଷତି କରିଦେଇଥାନ୍ତି । ପୁଣି ଯଦି ଜଣାପଡ଼େ କି ସେ ଜମାଅତର ସଦସ୍ୟ ତେବେ ଏପରି ଲୋକ ଜମାଅତର ବଦ୍‌ନାମିର ମଧ୍ୟ କାରଣ ସାଜିଥାନ୍ତି । ସୁତରାଂ ପିତାମାତା ଏଥିପ୍ରତି ଦୃଷ୍ଟି ରଖିବା ଉଚିତ୍ ଯେ, ସେମାନଙ୍କ ପିଲାମାନେ କିଭଳି ବୈଠକ ଓ ସାଙ୍ଗସାଥିମାନଙ୍କ ସହିତ ମିଳାମିଶା କରୁଛନ୍ତି ଯଦ୍ୱାରା ଆମର ଯୁବପିଢି ଖରାପ ସଙ୍ଗତ ଓ ଖରାପ ବୈଠକରୁ ସୁରକ୍ଷିତ ରହିବେ ଏବଂ ନିଜ ଘରେ ମଧ୍ୟ ଏପରି ସୁନ୍ଦର ଓ ସ୍ୱାସ୍ଥ୍ୟକର ବୈଠକ କରିବା ଉଚିତ୍ ଯାହାକି ତରବିୟତ୍ ଦୃଷ୍ଟିକୋଣରୁ ସବର୍ଦା ସର୍ବୋତ୍କୃଷ୍ଟ ହୋଇଥିବ ।

ହଜରତ ମହମ୍ମଦ ସ.ଆ ଏକଦା କହିଲେ- ଯେତେବେଳେ କୌଣସି ଦଳ ମସଜିଦ୍‌ରେ ଅଲ୍ଲାଃଙ୍କ ପୁସ୍ତକର ଅଧ୍ୟୟନ ଓ ପରସ୍ପରକୁ ଧର୍ମ ଶିକ୍ଷା ଦେବା ଉଦ୍ଦେଶ୍ୟରେ ବସନ୍ତି ତେବେ ଅଲ୍ଲାଃ ସେମାନଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ କରିଥାନ୍ତି ଏବଂ ଅଲ୍ଲାଃଙ୍କ ଦୟା ସେମାନଙ୍କୁ ଢାଙ୍କି ଦେଇଥାଏ ତଥା ଦେବଦୂତମାନେ ସେମାନଙ୍କୁ ନିଜ ଛତ୍ରଛାୟାରେ ନେଇଥାନ୍ତି । ଅଲ୍ଲାଃଙ୍କର ଅଶେଷ କୃପା କି ଜମାଅତକୁ ଏଭଳି ସୁଯୋଗ ମିଳିଚାଲିଛି । ଏହିପରି ହଜୁର ସ.ଆ ଆଉ ଏକ ଅବସରରେ କହିଲେ ଯେଉଁ ଲୋକମାନେ କୌଣସି ବୈଠକରେ ଯୋଗଦେଇଥାନ୍ତି ଏବଂ ସେଠାରେ ଅଲ୍ଲାଃଙ୍କ ପ୍ରଶଂସାଗାନ କରିନଥାନ୍ତି ସେମାନେ (ପରବର୍ତୀ ସମୟରେ) ନିଜ ବୈଠକଗୁଡ଼ିକୁ ଉତ୍କଣ୍ଠାର ସହିତ ଦେଖିବେ । ସୁତରାଂ ଇଜ୍‌ତେମାରେ ଯୋଗଦେବାକୁ ଆସୁଥିବା ଲୋକମାନଙ୍କୁ ମନେରଖିବା ଉଚିତ୍ ଯେ, ନିଜ ଆଗମନର ଉଦ୍ଦେଶ୍ୟ ପୂରଣ କରନ୍ତୁ ଏବଂ ନିଜ ସମୟ ଅଯଥା ଥଟ୍ଟାମଜା ଓ ଗପସପ ହେବାରେ ସମୟ ବ୍ୟତୀତ କରିବା ପରିବର୍ତେ ଅଧିକରୁ ଅଧିକ ସମୟ ଅଲ୍ଲାଃଙ୍କ ଗୁଣଗାନ ଓ ପୁଣ୍ୟକର୍ମ ଚର୍ଚ୍ଚା କରିବାରେ ବ୍ୟତୀତ କରିବା ଉଚିତ୍ ଯଦ୍ୱାରା (ପରେ) ଆମର ବୈଠକମାନ କଦାପି ଉତ୍କଣ୍ଠାର ସହିତ ଦେଖିବା ବୈଠକ ସାବ୍ୟସ୍ତ ହେବ ନାହିଁ । ହଦିସ୍‌ରେ ଦରଜ ଅଛି ହଜରତ ମହମ୍ମଦ ସ.ଆ କହିଲେ ତୁମେ ମୋମିନ୍‌ଙ୍କ ବ୍ୟତୀତ ଅନ୍ୟ କାହା ସାଥିରେ ବସ ନାହିଁ ଏବଂ ଈଶ୍ୱରଭୟାଳୁଙ୍କ ବ୍ୟତୀତ ଅନ୍ୟ କେହି ତୁମର ଖାଦ୍ୟ ନଖାନ୍ତୁ । ଏହାର ତାତ୍ପର୍ଯ୍ୟ ଏହି କି ଯେ ତୁମର ଗଭୀର ବନ୍ଧୁତା, ତୁମର ସବୁଠାରୁ ଅଧିକ ବସାଉଠା, ତୁମର ବୈଠକ ଓ ତୁମର ଅଧିକାଂଶ ସମୟ ଏପରି ଲୋକମାନଙ୍କ ସଙ୍ଗରେ ବ୍ୟତୀତ କର ଯାହାଙ୍କ ବିଶ୍ୱାସ ସୁଦୃଢ ଓ ଯେ ଈଶ୍ୱର ଭୟ ରଖି ଜୀବନ ଅତିବାହିତ କରୁଥିବେ । ଯଦ୍ୱାରା ତୁମେ ମଧ୍ୟ ପୁଣ୍ୟକର୍ମ ଓ ଈଶ୍ୱରଭୟ ଧାରଣ କରିବାରେ ଉନ୍ନତି କରିବ ।

ହଜରତ ମସିହ ମଉଦ ଆ.ସ ନିଜର ସୁଧାର କରିବାର ଗୋଟିଏ ମାର୍ଗ ଏହା ଦର୍ଶାଇଛନ୍ତି **କୁନୁ ମାଅସ୍ ସାଦିକିନ୍** ଅର୍ଥାତ ଯେ କଥାରେ, କାର୍ଯ୍ୟରେ ଓ ବାସ୍ତବରେ ସତ୍ୟ ଉପରେ ପ୍ରତିଷ୍ଠିତ ରହିଥାନ୍ତି ସେମାନଙ୍କ ସଙ୍ଗତରେ ରୁହ । ସଙ୍ଗତର ବହୁତ ପ୍ରଭାବ ପଡ଼ିଥାଏ ଯାହାକି ଭିତରେ ଭିତରେ ହୋଇଚାଲିଥାଏ । ଆପଣ କୁହନ୍ତି ଯେ ମଦ୍ୟପ ସ୍ଥାନକୁ ଯାଇଥାଏ ସେ ପିଇବାରୁ ଯେତେ ଦୂରେଇ ରହି କହିଲେ କି ମୁଁ ପିଏ ନାହିଁ କିନ୍ତୁ ଦିନେ ସେ ନିଶ୍ଚିତ ପିଇଥାଏ । ସୁତରାଂ ସର୍ବଦା ମନ୍ଦସଙ୍ଗତରୁ ନିବୃତ ରହିବା ଆବଶ୍ୟକ । ସାଧାରଣ ବ୍ୟବସାୟକ ମୂଳକ କାର୍ଯ୍ୟରେ ଅନ୍ୟମାନଙ୍କ ସହ କାରବାର କଲାବେଳେ ସୀମା ନିଧାରଣ କରିବା ଉଚିତ୍ । ଏପରି ନହୁଏ କି ସେମାନଙ୍କ ବୈଠକରେ ତୁମେ ମଧ୍ୟ ସାମିଲ ହେବା ଆରମ୍ଭ କରିଦିଅ । ଏଥିରୁ ନିବୃତ ରହିବା ସମ୍ବନ୍ଧରେ ହଜରତ ମହମ୍ମଦ ସ.ଆ କହିଛନ୍ତି ତୁମର ଅଧର୍ମି ଲୋକମାନଙ୍କ ସଙ୍ଗତରେ ରହିବା ସେମାନଙ୍କ ସହିତ ଅଧିକ ବସାଉଠା ଓ ଖାଇବା ପିଇବା କରିବା ତୁମକୁ ଧର୍ମ ଓ ଈଶ୍ୱର ଭୟଠାରୁ ଦୂରେଇ ଦେବ । ହଁ ତବଲିଗ୍ ଓ ଉତମ ବାର୍ତା ପହଂଚାଇବା ପାଇଁ ସମ୍ପର୍କ ଯୋଡ଼ିବା ଉଚିତ୍ । କାରଣ ଏତତ୍ ବ୍ୟତୀତ ତବଲିଗ୍ କରିବା ସମ୍ଭବ ନୁହେଁ କିନ୍ତୁ ଏଥିପାଇଁ ତୁମକୁ ନିଜ ବୈଠକରେ ସେମାନଙ୍କୁ ନିମନ୍ତ୍ରଣ କରିବା ଉଚିତ୍ । କାରଣ ଏପରି ବୈଠକମାନ ହିଁ ସେମାନଙ୍କୁ ପ୍ରଭାବିତ କରିଥାଏ ।

ହଜରତ ମସିହ ମଉସ ଆ.ସ କୁହନ୍ତି ଯଦି ଜଣେ ସତ୍ୟବାଦୀ ଓ ସତ୍ୟନିଷ୍ଠ ବ୍ୟକ୍ତି ସଙ୍ଗତରେ ରୁହେ ତେବେ ସତ୍ୟତା ତାହା ଉପରେ ପ୍ରଭାବ ପକାଇଥାଏ । କିନ୍ତୁ ଯେତେବେଳେ ଜଣେ ସତ୍ୟବାଦୀଙ୍କ ସଙ୍ଗତ ତ୍ୟାଗ କରି ମନ୍ଦ ଓ ଅପକର୍ମୀଙ୍କ ସଙ୍ଗତ ସ୍ୱୀକାର କରେ ସେତେବେଳେ ତାହା ଉପରେ ମନ୍ଦର ପ୍ରଭାବ ପଡ଼ିଥାଏ । ଏଥିପାଇଁ ହଦିସ୍ ଓ ପବିତ୍ର କୋରାନରେ ମନ୍ଦ ସଙ୍ଗତରୁ ନିବୃତ ରହିବାକୁ ଦୃଢତାର ସହିତ ଆଦେଶ ଦିଆଯାଇଛି ଏବଂ ଲେଖାଅଛି କି ଯେଉଁସ୍ଥଳେ ଅଲ୍ଲାଃ ଓ ତାଙ୍କ ରସୁଲଙ୍କର ତିରସ୍କାର ଓ ଅସମ୍ମାନ ହୋଇଥାଏ ସେପରି ବୈଠକରୁ ସଙ୍ଗେସଙ୍ଗେ ଚାଲିଆସ ନଚେତ୍ ଯେ ତିରସ୍କାରପୂର୍ଣ୍ଣ କଥା ଶୁଣି ଉଠିନଥାଏ ତାହାର ଗଣନା ମଧ୍ୟ ସେହିମାନଙ୍କ ସାଥିରେ ହୋଇଥାଏ ।

ହଜୁର ଆ.ସ ଆହୁରି କୁହନ୍ତି କି ସତ୍ୟବାଦୀଙ୍କ ନିକଟରେ ରହୁଥିବା ବ୍ୟକ୍ତି ମଧ୍ୟ ସେମାନଙ୍କ ସହିତ ଗଣନା ହୋଇଥାନ୍ତି । ଅତଏବ **କୁନୁ ମାଅସ୍ ସାଦିକିନ୍**ର କିଭଳି ଗୁରୁତ୍ୱ ରହିଛି କି ଉତମ ଆଦେଶର ପାଳନ କର । ଆପଣ କୁହନ୍ତି ହଦିସ୍‌ରେ ବର୍ଣ୍ଣିତ ଅଛି କି ଅଲ୍ଲାଃ ସଂସାରକୁ ଦେବଦୂତମାନଙ୍କୁ ପଠାଇଥାନ୍ତି ସେମାନେ ପବିତ୍ର ଲୋକମାନଙ୍କ ବୈଠକରେ ଯୋଗଦେଇଥାନ୍ତି ଏବଂ ଯେତେବେଳେ ଫେରିଯାନ୍ତି ଅଲ୍ଲାଃତାଲା ସେମାନଙ୍କୁ ପଚାରନ୍ତି ତୁମେ କ'ଣ ଦେଖିଆସିଲ ? ସେମାନେ କୁହନ୍ତି କି ଆମେ ଗୋଟିଏ ଏପରି ବୈଠକ ଦେଖିଲୁ ଯେଉଁଠାରେ ତୁମ୍ଭର ଚର୍ଚ୍ଚା ହେଉଥିଲା କିନ୍ତୁ ସେମାନଙ୍କ ମଧ୍ୟରୁ ଜଣେ ଏପରି ଥିଲା ଯେ ତୁମର ପ୍ରଶଂସାଗାନ କରୁନଥିଲା କିନ୍ତୁ ସେମାନଙ୍କ ସାଥିରେ ବସିଥିଲା ସେତେବେଳେ ଅଲ୍ଲାଃ କୁହନ୍ତି କି ନା ସେ ମଧ୍ୟ ସେମାନଙ୍କ ମଧ୍ୟରେ ସାମିଲ ଥିଲା । କାରଣ **ଇନ୍ନହୁମ୍ କୌମୁନ୍ ଲାୟଶ୍‌କା ଜଲିସୁହୁମ୍**ରୁ ସ୍ପଷ୍ଟ ହେଉଛି ଯେ, ସତ୍ୟବାଦୀଙ୍କ ବୈଠକରୁ କିଭଳି ଉପକାର ମିଳିଥାଏ । ସେ ବ୍ୟକ୍ତି ଅତ୍ୟନ୍ତ ହତଭାଗା ଯେ (ଉତମ) ସଙ୍ଗତରୁ ଦୂରେଇ ରୁହେ ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ଏହା ଅତ୍ୟନ୍ତ ଜରୁରୀ କି ତୁମେ ଦୁଆ ମାଧ୍ୟମରେ ଅଲ୍ଲାଃଙ୍କୁ ଚିହ୍ନିବାର କାମନା କର । ଏତତ୍ ବ୍ୟତୀତ ବିଶ୍ୱାସ କଦାପି ପୂର୍ଣ୍ଣତା ଲାଭ କରିନଥାଏ ଏବଂ ଏହା ସେତେବେଳେ ଲାଭ ହୋଇଥାଏ ଯେତେବେଳେ ଏହା ଜ୍ଞାତ ହୁଏ କି ଅଲ୍ଲାଃଙ୍କ ସହ ସମ୍ପର୍କ ତୁଟାଇବା ଏକ ପ୍ରକାର ମୃତ୍ୟୁକୁ ବରଣ କରିବା ଅଟେ । ଆପଣ କୁହନ୍ତି ପାପ ମୁକ୍ତ ହେବା ପାଇଁ ଯେଉଁସ୍ଥଳେ ଦୁଅ କର ସେଠାରେ ଯୋଜନା କରିବାକୁ ମଧ୍ୟ ହାତଛଡ଼ା କର ନାହିଁ ଏବଂ ସେ ସମସ୍ତ ବୈଠକ ଯେଉଁଥିରେ ସାମିଲ ହେଲେ ଅପକର୍ମ କରିବାକୁ ମନେହୁଏ, ତାହାକୁ ତ୍ୟାଗ କର ତତ୍ ସହିତ ଦୁଆ ମଧ୍ୟ କରୁଥାଅ । ଭଲଭାବରେ ମନେରଖ ଏସବୁ ଅସୁବିଧା ଯାହାକି ଭାଗ୍ୟଲେଖା ଅନୁଯାୟୀ ମଣିଷ ସମ୍ମୁଖୀନ ହୋଇଥାଏ ଯେପର୍ଯ୍ୟନ୍ତ ଅଲ୍ଲାଃଙ୍କ ସାହାଯ୍ୟ ପ୍ରାପ୍ତ ହୋଇନଥାଏ ସେଥିରୁ ବର୍ତୀଯିବା ଅସମ୍ଭବ । ନମାଜ ଯାହାକି ପାଂଚ ବେଳା ସମ୍ପାଦନ କରାଯାଇଥାଏ ସେଥିରେ ମଧ୍ୟ ଏହି ନିର୍ଦ୍ଦେଶ ରହିଛି କି ଯଦି ତାହା ମଣିଷକୁ ଶାରୀରିକ ଉତେଜନା ଓ ଅନ୍ୟକୁ ଠକିବାରୁ ନିବୃତ ରଖିନଥାଏ ତେବେ ତାହାର ନମାଜ କଦାପି ପ୍ରକୃତ ନମାଜ ନୁହେଁ । ନମାଜର ଅର୍ଥ ମୁଣ୍ଡ ଭୂମିଷ୍ଠ କରିବା ତଥା ରୀତି, ଅଭ୍ୟାସ ମୁତାବକ ସମ୍ପାଦନ କରିବା ଆଦୌଁ ନୁହେଁ । ନମାଜ ଏପରି ଅବସ୍ଥା ଯେଉଁଥିରେ ହୃଦୟ ମଧ୍ୟ ଅନୁଭବ କରିଥାଏ କି ତାହା ତରଳି ଭୟର ସହିତ ଅଲ୍ଲାଃଙ୍କ ଆସ୍ତାନରେ ପଡ଼ିଅଛି । ଆପଣ କୁହନ୍ତି ଯେପର୍ଯ୍ୟନ୍ତ ସାମର୍ଥ୍ୟ ରହିଛି ନିଜ ଭିତରେ କରୁଣ ଅବସ୍ଥା ଉତ୍ପନ୍ନ କରି ଦରଦର ସହିତ ମାଗିବା କି ଅହଂକାର ଓ ପାପ ଯାହାକି ମଣିଷ ଭିତରେ ରହିଛି ତାହା ଦୂର ହେଉ, ଏପରି ନମାଜ ପାଠ କରିବାରେ ଉପକାର ମିଳିଥାଏ । ଏକଦା ହଜରତ ମହମ୍ମଦ ସ.ଆ କହିଲେ- କିଛି କଲମା ଏପରି ରହିଛି ଯେ ତାହାକୁ କୌଣସି ବୈଠକରୁ ଉଠିବାବେଳେ ତିନି ଥର ପାଠକରେ ତେବେ ଅଲ୍ଲାଃତାଲା ତାହାର ପ୍ରତିବଦଳରେ ତାହାର ସେହି ଦୋଷ ଯାହାକି ସେ ସେଠାରେ କରିଥାଏ, ଢାଙ୍କିଦେବେ ଏବଂ ଯେ କୌଣସି ଉତମ ଓ ଅଲ୍ଲାଃଙ୍କ ଗୁଣଗାନ ହେଉଥିବା ବୈଠକରେ ପାଠକରେ ତେବେ ସେମାନଙ୍କ ସହିତ ଉକ୍ତ ବ୍ୟକ୍ତି ଉପରେ ମୋହର କରିଦିଆଯାଇଥାଏ ଓ ସେହି କଲମା ଏହି କି ଯେ, **ସୁବ୍‌ହାନକା ଅଲ୍ଲାଃହୁମ୍ମା ଓ୍ୱ ବିହଦିକା ଅଶ୍‌ହଦୁଅଲ୍ଲା ଇଲାହା ଇଲ୍ଲା ଅନ୍‌ତା ଅସ୍‌ତଗ୍‌ଫିରୁକା ଓ୍ୱ ଅତୁବୁ ଇଲୈକା** ଅର୍ଥାତ ହେ ଅଲ୍ଲାଃ ! ତୁମେ ନିଜ ପ୍ରଶାଂସର ସହିତ ପବିତ୍ର ଅଟ ତୁମ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ । ମୁଁ ତୁମ୍ଭଠାରୁ କ୍ଷମା ପ୍ରାର୍ଥନା କରୁଅଛି ଏବଂ ତୁମ୍ଭ ଶରଣ ଭିକ୍ଷା କରୁଅଛି । ହଜୁର ଅନଓ୍ୱର ଅ.ବ କହିଲେ- ଏହି ଦୁଆ ଅପସନ୍ଦ କାର୍ଯ୍ୟର କୁପ୍ରଭାବରୁ ରକ୍ଷା କରିଥାଏ ଏବଂ ମଣିଷକୁ ଉତମ ବୈଠକର ଉତମ ପ୍ରଭାବରୁ ଅଧିକରୁ ଅଧିକ ଉପକୃତ ହେବାର ସୁଯୋଗ ପ୍ରଦାନ କରିଥାଏ ।

ଖୁତବାର ଶେଷରେ ହଜୁର ଅନଓ୍ୱର ଅ.ବ କହିଲେ- ଅଲ୍ଲାଃତାଲା ଆମ୍ଭକୁ ଶକ୍ତି ପ୍ରଦାନ କରନ୍ତୁ ଆମେ ସର୍ବଦା ମନ୍ଦ ବୈଠକରୁ ନିବୃତ ରହୁ ଓ ଯଦି କଦାଚିତ୍ ଅଜାଣତରେ ସାମିଲ ହୋଇଯାଉ ତେବେ ତାହାର କୁପ୍ରଭାବରୁ ସୁରକ୍ଷିତ ରହୁ । ସର୍ବଦା ଉତମ ବୈଠକ ପାଇବା ଲକ୍ଷରେ ରହି ସେଥିରେ ଯୋଗଦେଉ ଏବଂ ତାହାର ପବିତ୍ରତାରୁ ଉପକୃତ ହେଉ । ଅଲ୍ଲାଃତାଲା ଆମ୍ଭକୁ ସର୍ବଦା ସଇତାନର ଆକ୍ରମଣରୁ ରକ୍ଷା କରନ୍ତୁ ଏବଂ ଆମ୍ଭ ସହ ଦୟା ଓ କ୍ଷମା ଆଚରଣ କରନ୍ତୁ । ଆମ୍ଭକୁ ସର୍ବଦା ଜମାଅତର ବ୍ୟବସ୍ଥା ଓ ଖଲିଫାଙ୍କ ସହ ଯୋଡ଼ି ରହିବାର ଶକ୍ତି ପ୍ରଦାନ କରନ୍ତୁ । ହଜୁର ଅନଓ୍ୱର ଅ.ବ ଜଣେ ଆଫ୍ରିକୀୟ ଅହେମଦି ଶ୍ରୀମାନ ବିଲାଲ୍ ଅବଦୁଲ୍ ସଲାମ୍ ସାହେବ Philadelphia ଆମେରିକା ନିବାସୀଙ୍କର ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ଏବଂ ତାଙ୍କ ଉତମ ଚରିତ୍ର ଚର୍ଚ୍ଚା କଲେ ।

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା-୨ ର ଅବଶିଷ୍ଟାଂଶ.......*

ଅନୁମତିକୁ ମଧ୍ୟ ଧାର୍ଯ୍ୟ କରାଯାଇଛି । ଏହି ଦୁଇଗୋଟି ନେର୍ଦ୍ଦେଶ ହେଉଛି ଝିଅକୁ କ୍ଷତିରୁ ବଂଚାଇବା ପାଇଁ ଏବଂ ତାକୁ ସୁରକ୍ଷା ଦେବା । ଏହି ନିର୍ଦ୍ଦେଶ ମୁତାବକ କୌଣସି ବାପ ନିଜ ଝିଅର ବିବାହ ନିଜ ଇଚ୍ଛା ମୁତାବକ ଯେଉଁଠି ନାହିଁ ସେଠି କରାଇପାରିବ ନାହିଁ । ଯେପରି ବିବାହ ମାମଲାରେ ବାପା ଝିଅ ଉପରେ ଚାପ ପକାଇପାରିବ ନାହିଁ । ଏବଂ ଝିଅ ମଧ୍ୟ ୱଲିଙ୍କ ସମ୍ମତି ବିନା ନିଜ ଇଚ୍ଛା ଅନୁସାରେ ଯେଉଁଠି ପାଇବ ସେଠି ବିବାହ କରିପାରିବ ନାହିଁ । ଯଦି ଚିନ୍ତା କରାଯାଏ ତେବେ ଇସ୍‌ଲାମ୍‌ର ଏହା କେଡେ ସୁନ୍ଦର ଶିକ୍ଷା ଅଟେ । ବହୁତ ବୁଧିମିତାର ସହିତ ଇସ୍‌ଲାମ୍ ସ୍ତ୍ରୀ ମାନଙ୍କର ଅଧିକାରକୁ ସୁରକ୍ଷା ଦେଇଛି । ସୁବ୍‌ହାନ୍‌ଲ୍ଲାଃ:-

ଯମାତ ଅହେମଦୀୟାର ଦ୍ୱିତୀୟ ଖଲିଫା ସୟଦ୍‌ନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହୁଛନ୍ତି :- ଶରିୟତ୍‌ର ଏ ନିର୍ଦ୍ଦେଶ ଅଛି ଯେ କୌଣସି ଝିଅ ନିଜ ମା' ବାପାଙ୍କ ବିନା ଅନୁମତିରେ ବିବାହ କରିପାରିବ ନାହିଁ । ଏହି ନିର୍ଦ୍ଦେଶଟି ଏପରି ଅଟେ ଯାହା ଭିତରେ ବହୁତ ବଡ଼ ଲାଭ ଲୁଚି ରହିଛି । ୟୁରୋପ୍‌ରେ ହଜାର ହଜାର ଦୃଷ୍ଟାନ୍ତ ଏପରି ମିଳୁଛି ଯେ କିଛି ଲୋକ ଧୋକାବାଜ୍ ଓ ମିଥ୍ୟାବାଦୀ ଥିଲେ କିନ୍ତୁ ଯେହେତୁ ସେମାନେ ସୁନ୍ଦର ଯୁବକ ଥିଲେ । ସେହି କାରଣରୁ ସେମାନେ ବଡ଼ ବଡ଼ ଘରର ଝିଅମାନଙ୍କୁ ବିବାହ କରିନେଲେ । ପରେ ବହୁତ ପ୍ରକାରର ଅସୁବିଧା ସୃଷ୍ଟି ହେଲା..... । ଏଥିରେ ଶରିୟତ୍‌ର ଏ ଉଦ୍ଦେଶ୍ୟ ନାହିଁ ଯେ ମହିଳାମାନଙ୍କ ଉପରେ ଅତ୍ୟାଚାର ହେଉ ବା ସେମାନଙ୍କର କୌଣସି ହକ୍ ମରାହେଉ ବରଂ ଶରିୟତ୍‌ର ତ ଏ ଉଦ୍ଦେଶ୍ୟ ଯେ ଯେଉଁ କଥା ଦ୍ୱାରା ମହିଳାମାନଙ୍କୁ କ୍ଷତି ପହଂଚିପାରେ ସେଥିରୁ ସେମାନଙ୍କୁ ସୁରକ୍ଷା ଦିଆଯାଉ । ସେଥିଯୋଗୁ ଯେଉଁ କଥାରେ ସ୍ତ୍ରୀ ମାନଙ୍କୁ କୌଣସି କ୍ଷତି ନ ପହଂଚିପାରିବ ସେଥିରେ ସେମାନଙ୍କର ହକ୍ କୁ ଖୁଦାତାଲା ନିଜେ ହିଁ ସେମାନଙ୍କୁ ଦେଇଦେଇଛନ୍ତି । ସୁତରାଂ ପବିତ୍ର କୋରାନ୍ ଯାହା କିଛି କହିଛି ତା ଭିତରେ ବହୁତ ବଡ଼ ବିଜ୍ଞତା ଭରି ରହିଛି । ଯଦି ସଂସାର ଏହାର ଓଲଟା ଅମଲ କରୁଅଛି ସେଥିଯୋଗୁଁ ବହୁତ ପ୍ରକାର କ୍ଷତି ମଧ୍ୟ ଉଠାଉଛି ଯାହା ଏଥିରୁ ପ୍ରମାଣ ହେଉଛି ଯେ ଇସ୍‌ଲାମ୍‌ର ବିପରିତ ଅମଳ କରିବା ଦ୍ୱାରା କଦାପି ଉତମ ଫଳ ହାସଲ ହୋଇପାରିବ ନାହିଁ । (ତଫଶିର୍ କବିର୍ ଖଣ୍ଡ-୨, ପୃଷ୍ଠା-୫୧୩)

(୭) ଇସ୍‌ଲାମ୍‌ର ଗୋଟିଏ ବଡ଼ ଏହ୍‌ଶାନ୍ ସ୍ତ୍ରୀ ମାନଙ୍କ ଉପରେ ଏହା ଅଟେ ଯେ ସେ ଯେଉଁଠି ପୁରୁଷଙ୍କୁ ତଲାକ୍ ଦେବା ପାଇଁ ଅଧିକାର ଦେଇଛି ସେଠି ସ୍ତ୍ରୀ ମାନଙ୍କୁ ମଧ୍ୟ ଖୁଲା କରିବା ପାଇଁ ଅଧିକାର ପ୍ରଦାନ କରୁଛି ଏବଂ ଖୁଲା କରିବା ଅବସ୍ଥାରେ ମଧ୍ୟ ଇସ୍‌ଲାମ୍ ସ୍ତ୍ରୀ ମାନଙ୍କର ହକ୍‌କୁ ସମ୍ପୂର୍ଣ୍ଣ ରୂପେ ଧ୍ୟାନ ରଖିଛି ।

(୮) ଇସ୍‌ଲାମ୍‌ର ସ୍ତ୍ରୀ ମାନଙ୍କ ଉପରେ ଆଉ ଗୋଟିଏ ଏହ୍‌ଶାନ୍ ହେଉଛି ଯେ ସେ ସ୍ୱାମୀଙ୍କ ସମ୍ପତିରୁ ସ୍ତ୍ରୀ ର ମଧ୍ୟ ଭାଗ ରଖିଛି । ଅଲ୍ଲାଃତାଲା କହୁଛନ୍ତି ୱଲହୁନ୍ନର୍ ରୁବୁଉ ମିନ୍‌ମା ତାରକ୍‌ତୁମ୍ ଇଲ୍‌ଲମ୍ ୟକୁଲ୍ ଲକୁମ୍ ୱଲଦୁନ୍ ଫଇନ୍ କାନା ଲକୁମ୍ ୱଲଦୁନ୍ ଫଲହୁନ୍ନସ୍ ସୁମୁନୁ ମିମ୍ମା ତରକ୍‌ତୁମ୍ ମିମ୍ ବାଦି ୱସିୟତିନ୍ ତୁସୁନା ବିହା ଅଓ ଦୈନିନ୍ (ନିସା:୧୩)

ଅର୍ଥାତ୍-ଏବଂ ଯଦି ତୁମମାନଙ୍କର ସନ୍ତାନ ନଥିବେ ତେବେ ତୁମେମାନେ ଯାହା ଛାଡ଼ିଯାଇଥିବ ତାହାର ଏକ ଚତୁର୍ଥାଂଶ (ତୁମ ପତ୍ନୀ) ମାନଙ୍କର ହେବ । ଏବଂ ଯଦି ତୁମମାନଙ୍କର ସନ୍ତାନ ଥିବେ ତେବେ ତୁମମାନଙ୍କର ୱସିୟତ୍ ଓ ଋଣ (ପରିଶୋଧ) ପରେ ତୁମେମାନେ ଯାହା ଛାଡ଼ି ଯାଇଥିବ ତାହାର ଏକ ଅଷ୍ଟମାଂଶ ସେମାନଙ୍କର ହେବ ।

(୯) ଇସ୍‌ଲାମ୍ ତଲାକ୍ ହୋଇଯିବା ଅବସ୍ଥାରେ ମଧ୍ୟ ପୁରୁଷମାନଙ୍କୁ ସ୍ତ୍ରୀ ମାନଙ୍କ ସହିତ ଉତମ ବ୍ୟବହାର ଏବଂ ସେମାନଙ୍କୁ ଲାଭ ପହଂଚାଇବା ପାଇଁ ତାଗିଦ୍ କରିଛି । ଏବଂ ତାଙ୍କ ଉପରେ କୌଣସି ପ୍ରକାର ଜୁଲମ୍ ଏବଂ ଅତ୍ୟଚାର କରିବାକୁ ମଧ୍ୟ ମନା କରିଛି ।

(୧୦) ଯାହିଲିୟତ୍ ଯୁଗରେ ଆରବୀୟଙ୍କ ମଧ୍ୟରେ ''ଇଲା'' ଏବଂ ''ଜିହାର୍'' ଏପରି ଦୁଇଟି ପ୍ରଥା ଥିଲା ଯାହାଦ୍ୱାରା ସ୍ୱାମୀ ନିଜ ସ୍ତ୍ରୀ କୁ ଛାଡ଼ିଦେଉଥିଲା ଅର୍ଥାତ୍ ନା ତ ତାକୁ ତଲାକ୍ ଦେଉଥିଲା ନା ତାର ହକ୍  ତାକୁ ପ୍ରଦନ କରୁଥିଲା । ଇଲା ର ଚର୍ଚ୍ଚା ସୁରା ବକ୍‌ରା ର ଆୟତ ନଂ=୨୨୭ ହୋଇଛି । ଏବଂ ଜିହାର୍‌ର କଥା ସୁରା ମୁଜାଦଲା ର ଆୟତ ନଂ୩ ଏବଂ ୪ ଯେ ଅଛି । ଅଲ୍ଲାଃତାଲା ଜାହିଲିୟତ୍ ଯୁଗରେ ଏପରି ପ୍ରଥା ଜରିଆରେ ସ୍ତ୍ରୀମାନଙ୍କୁ  ଛାଡ଼ିଦେବା ପାଇଁ ମନା କରିଛନ୍ତି । ଏବଂ ଏପରି କୁପ୍ରଥାକୁ ଶେଷ କରିଛନ୍ତି ।  ତେଣୁ ଇସ୍‌ଲାମ୍ ର ସ୍ତ୍ରୀ ମାନଙ୍କ ଉପରେ ଏହା ମଧ୍ୟ ଗୋଟିଏ ଏହ୍‌ସାନ୍ ଯେ ସେ ସ୍ତ୍ରୀ ମାନଙ୍କ ଉପରେ ଜୁଲ୍‌ମ୍ ଓ ଅତ୍ୟାଚାର ର ସମସ୍ତ ରାସ୍ତାକୁ ବନ୍ଦ୍ କରିଦେଇଛି ।

(୧୧) ଇସ୍‌ଲାମ୍ ପୁଣ୍ୟ ଅମଳ କରିବା ଫଳରେ ଉଚ୍ଚ ସ୍ଥାନ ହାସଲ କରିବା ଓ ଉଚ୍ଚ ପ୍ରତିଷ୍ଠା ପାଇବା ପାଇଁ ପୁରୁଷ ଓ ସ୍ତ୍ରୀ ମଧ୍ୟରେ କୌଣସି ପ୍ରଭେଦ କରିନାହିଁ । ଅଲ୍ଲାଃତାଲା କହୁଛନ୍ତି । ଇନ୍ନା ଅକରମକୁମ୍ ଇନ୍ଦଲ୍ଲାହି ଅତ୍‌କାକୁମ୍ । (ଅଲ୍ ହୁଜୁରାତ୍ : ୧୪) ଅର୍ଥାତ୍ ତୁମମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ସମ୍ମନର ଅଧିକାରୀ ହେଉଛି ସେ ଯେ ତୁମମାନଙ୍କ ମଧ୍ୟରୁ ସବୁଠାରୁ ଅଧିକ ନିଷ୍ପାପର । ଏହା ଇସ୍‌ଲାମ୍‌ର ବିଶେଷତ ଯେ ସେ ମୋମିନ୍ ପୁରଷମାନଙ୍କର ଦୃଷ୍ଟାନ୍ତ ଫିରୋନ୍ ର ସ୍ତ୍ରୀ ଆସିଆ ଏବଂ ହଜ୍‌ରତ୍ ଇସା ଆ:ସ ଙ୍କ ମା' ମରିୟମ୍ ସହିତ ଦେଇଛି ।
(ତହ୍‌ରିମ୍: ୧୨-୧୩)

ନିମ୍ନରେ ଆମେ ସ୍ତ୍ରୀ ମାନଙ୍କ ସହିତ ଉତମ ବ୍ୟବହାର ସମ୍ପର୍କରେ ଆଁ ହଜ୍‌ରତ୍ ସ:ଆ:ସ ଙ୍କର କିଛି ଉପଦେଶାବଳୀକୁ ଉପସ୍ଥାପନ କରୁଅଛୁ । ଆଁ ହଜ୍‌ରତ୍ ସ:ଆ:ସ କହୁଛନ୍ତି -

ଖଏରୁକୁମ୍ ଖଏରୁକୁମ୍ ଲି ଅହ୍‌ଲିହି ୱ ଆନା ଖଏରୁକୁମ୍ ଲି ଅହ୍‌ଲି
(ମିଶ୍‌କାତ୍ ବାବ୍ ଇଶ୍‌ରତୁନ୍ ନିସା)

ଅର୍ଥାତ୍-ତୁମମାନଙ୍କ ମଧ୍ୟରେ ଉତମ ବ୍ୟକ୍ତି ହେଉଛି ସେ ଯିଏ ନିଜ ସ୍ତ୍ରୀ ପିଲାଙ୍କ ସହିତ ଉତମ ବ୍ୟବହାର କରିଥାଏ । ଏବଂ ମୁଁ ହେଉଛି ତୁମମାନଙ୍କ ମଧ୍ୟରୁ ନିଜ ସ୍ତ୍ରୀ ପିଲାଙ୍କ ସହିତ ଉତମ ବ୍ୟବହାର କରିବାରେ ସର୍ବୋତମ ।

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର:ଅ ବର୍ଣ୍ଣନା କରି କହୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ ଏ ଦୁନିଆ ତ ଆସବାବରେ ପରିପୁର୍ଣ୍ଣ ଏବଂ ଜଣେ ପୁରୁଷ ପାଇଁ ସବୁଠାରୁ ଉତମ ଆସବାବ ହେଉଛି ପୁଣ୍ୟବାନ୍ ଓ ନିଷ୍ପାପର ସ୍ତ୍ରୀ । (ଇବ୍‌ନେମାଜା...)

ହଜ୍‌ରତ୍ ଅବୁ ହୁରେରା ର:ଅ ବର୍ଣ୍ଣନା କରି କହୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ମୋମିନ୍ ମାନଙ୍କ ମଧ୍ୟରେ ଇମାନ୍‌ର ଦୃଷ୍ଟି କୋଣରୁ ସମ୍ପୂର୍ଣ୍ଣ ମୋମିନ୍ ହେଉଛି ସେ ଯାହାର ଚରିତ୍ର ଉତମ ଅଟେ । ଏବଂ ତୁମମାନଙ୍କ ମଧ୍ୟରେ ଚରିତ୍ର ଦୃଷ୍ଟିରୁ ଉତମ ପୁରୁଷ ହେଉଛି ସେ ଯିଏ ନିଜ ସ୍ତ୍ରୀ ମାନଙ୍କ ସହିତ ଉତମ ଏବଂ ଉଦାହରଣ ହୋଇ ବ୍ୟବହାର କରିଥାଏ । (ତିରିମିଜି...)

ସ୍ତ୍ରୀ ମାନେ ମଧ୍ୟ ସ୍ୱାମୀମାନଙ୍କର ବରାବର ପୁଣ୍ୟର ଅଧିକାରୀ ହେବେ । ଯଦି ସେମାନେ ଇମାନ୍‌ଦାରୀ ସହିତ ନିଜ ଘରକୁ ଦେଖାଶୁଣା କରିବେ ଏବଂ ପିଲାମାନଙ୍କୁ ନେକ୍ ତର୍‌ବିୟତ୍ କରିବେ । ସୁତରାଂ ହଦିସ୍ ରେ ଆସୁଅଛି ଅସ୍‌ମା ବିନ୍‌ତି ୟଜିଦ୍ ଅନ୍‌ସାରି ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଗୋଚରେ ସ୍ତ୍ରୀ ମାନଙ୍କର ପ୍ରତିନିଧି ହୋଇ ଆସିଲେ ଏବଂ କହିଲେ ହଜୁର୍ ମୋ ବାପା ମା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ ମୁଁ ସ୍ତ୍ରୀ ମାନଙ୍କ ତରଫରୁ ଆପଣଙ୍କ ନିକଟକୁ ଆସିଛି । ଅଲ୍ଲାଃତାଲା ଆପଣଙ୍କୁ ପୁରୁଷ ଓ ସ୍ତ୍ରୀ ସମସ୍ତଙ୍କ ପାଇଁ ଅବତୀର୍ଣ୍ଣ କରିଛନ୍ତି । ଆମେ ସ୍ତ୍ରୀ ଲୋକମାନେ ଘରେ ବନ୍ଦ୍ ହୋଇ ରହିଅଛୁ । ଏବଂ ପୁରୁଷମାନଙ୍କୁ ଏ ଅବସର ଅଛି ଯେ ସେମାନେ ବାଯମାତ୍ ନମାଜ୍, ଜୁମା ନମାଜ୍ ଏବଂ ଅନ୍ୟାନ୍ୟ ଇଜ୍‌ତେମା ଇତ୍ୟାଦିରେ ସାମିଲ୍ ହେଉଛନ୍ତି ଯେପରି ନମାଜ୍ ଯନାଜାଃ ପଢୁଛନ୍ତି, ହଜ୍ ପରେ ହଜ୍ କରୁଛନ୍ତି ଏବଂ ସବୁଠାରୁ ବଳି ଅଲ୍ଲାଃତାଲାଙ୍କ ରାସ୍ତାରେ ଜିହାଦ୍ କରୁଛନ୍ତି । ଏବଂ ଯେବେ ଆପଣମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ହଜ୍, ଉମ୍‌ରା ବା ଜିହାଦ୍ କରିବା ପାଇଁ ଯାଉଛନ୍ତି ତେବେ ଆମେ ସ୍ତ୍ରୀ ଲୋକମାନେ ଆପଣମାନଙ୍କର ସନ୍ତାନ ସନ୍ତତି ମାନଙ୍କୁ ଓ ଆପଣମାନଙ୍କର ଧନ ସମ୍ପତିର ସୁରକ୍ଷା କରୁଅଛୁ ଓ ସୁତା କାଟି ଆପଣମାନଙ୍କର ବସ୍ତ୍ର ବୁଣୁଛୁ । ଆପଣଙ୍କ ପିଲାମାନଙ୍କର ଦେଖାଶୁଣା ଏବଂ ସେମାନଙ୍କର୍ ତାଲିମ୍ ଓ ତର୍‌ବିୟତ୍‌ର ଜିମେଦାରି ସମ୍ଭାଳୁଛୁ । ତେବେ ଆମେ କଣ ପୁରୁଷ ମାନଙ୍କ ସହିତ ପୁଣ୍ୟ ରେ ସମାନ ଭାଗିଦାରୀ ହୋଇପାରିବୁ ? ହଜୁର୍ ସ:ଆ:ସ ଆସ୍‌ମା ଙ୍କର ଏକଥା ଶୁଣି ସାହାବାଙ୍କ ଆଡ଼କୁ ବୁଲିଗଲେ । ଏବଂ ତାଙ୍କୁ ସମ୍ବୋଧନ କରି କହିଲେ ଯେ ଏହି ସ୍ତ୍ରୀ ଙ୍କ ଠାରୁ ଅଧିକ ସୁନ୍ଦର ଶୈଳୀରେ କୌଣସି ସ୍ତ୍ରୀ ନିଜ ସମସ୍ୟାକୁ ବା କେସ୍‌କୁ ଉପସ୍ଥାପନ କରିପାରିବ ? ସାହାବାମାନେ କହିଲେ ହଜୁର୍ ଆମକୁ କେବେ ଏ ଭାବନା ନଥିଲା ଯେ କୌଣସି ସ୍ତ୍ରୀ ଲୋକ ଏତେ ସୁନ୍ଦର ଶୈଳୀରେ ଏବଂ ଏତେ ଉତମ ରୂପେ ନିଜର ମୋକଦ୍ଦମା ଉପସ୍ଥାପନ କରିପାରିବ ବୋଲି । ପୁଣି ଆପଣ ସ:ଆ:ସ ଆସ୍‌ମା ର:ଅ ଙ୍କ ଆଡ଼କୁ  ବୁଲି କହିଲେ ହେ (ସମ୍ମାନୀୟ) ମହିଳା ! ଠିକ୍ ରୂପେ ବୁଝିନିଅ ଏବଂ ଯେଉଁମାନଙ୍କର ତୁମେ ପ୍ରତିନିଧି ହୋଇ ଆସିଛ ସେମାନଙ୍କୁ ଯାଇ ଜଣାଇଦିଅ ଯେ ସ୍ୱାମୀଙ୍କ ଘରର ଉତମ ରୂପେ ଦେଖାଶୁଣା କରୁଥିବା ସ୍ତ୍ରୀ ଏବଂ ତାକୁ ଭଲ ରୂପେ ସମ୍ଭାଳୁଥିବା ସ୍ତ୍ରୀ କୁ ସେହି ସୱାବ୍ (ପୁଣ୍ୟ) ଏବଂ ଅଜର୍ (ପୁରସ୍କାର) ମିଳିବ ଯାହା ତା ସ୍ୱାମୀକୁ ତାର ଜିମେଦାରୀ ପ୍ରଦାନ କରିବା ଦ୍ୱାରା ମିଳିଥାଏ । (ଉସଦୁଲ୍ ଗାବା....)

ହଜ୍‌ରତ୍ ଅବୁ ହୁରେରା ର:ଅ ବର୍ଣ୍ଣନା କରି କହୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ କହୁଛନ୍ତି ସ୍ତ୍ରୀ ମାନଙ୍କର ଭଲ ଓ ସଦିଚ୍ଛାର ଧ୍ୟାନ ରଖ କାରଣ ସ୍ତ୍ରୀ ପଞ୍ଜରାରୁ ଜନ୍ମ ହୋଇଛି । ଅର୍ଥାତ୍ ତା ଭିତରେ ପଞ୍ଜରା ପରି ପ୍ରାକୃତିକ ଅଙ୍କା ବଙ୍କା ରହିଛି । ପଞ୍ଜରାର ଉପର ଭାଗରେ ଅଧିକା ବଙ୍କା ଅଛି । ଯଦି ତୁମେ ତାକୁ ସିଧା କରିବା ପାଇଁ ଚେଷ୍ଟା କରିବ ତେବେ ତାକୁ ତୁମେ ଭାଙ୍ଗିଦେବ (ଅର୍ଥାତ୍ ସେ ଭାଙ୍ଗିଯିବ) । ଯଦି ତୁମେ ତାକୁ ସେହିପରି ରହିବାକୁ ଦେବ ତ ତାର ଯେଉଁ ଲାଭ ଅଛି ସେଗୁଡିକ ତୁମକୁ ମିଳି ଚାଲିବ । ତେଣୁ ସ୍ତ୍ରୀ ମାନଙ୍କ ସହିତ ନମ୍ର ବ୍ୟବହାର କର ଏବଂ ଏ ସମ୍ପର୍କରେ ମୋର ନସିହ୍‌ତ୍ କୁ ମାନ । (ବୁଖାରି କିତାବୁଲ୍ ଅମ୍ବେୟା)

ହଜ୍‌ରତ୍ ଅବୁ ହୁରେରା ର:ଅ ବୟାନ୍ କରୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ମୋମିନ୍ ମାନଙ୍କୁ ନିଜ ମୋମିନା ସ୍ତ୍ରୀ ସହିତ ଘୃଣା ଭାବ ରଖିବା ଉଚିତ୍ ନୁହେଁ । ଯଦି ତାର ଗୋଟିଏ କଥା ତାକୁ ଅପସନ୍ଦ ତେବେ ଅନ୍ୟ କଥା ତାକୁ ପସନ୍ଦ ହୋଇପାରେ । ଅର୍ଥାତ୍ ଯଦି

ତାର କିଛି କଥା ନାପସନ୍ଦ ତେବେ କିଛି ଭଲ ମଧ୍ୟ ହେବ । ତେଣୁ ସର୍ବଦା ତୁମର ଦୃଷ୍ଟି ଭଲ କଥା ଉପରେ ହେବା ଉଚିତ୍ । (ମୁସ୍‌ଲିମ୍)

ହଜ୍‌ରତ୍ ମାୱିଆବିନ୍ ହଇଦା ର:ଅ ବର୍ଣ୍ଣନା କରୁଛନ୍ତି ଯେ ମୁଁ ଆଁ ହଜ୍‌ରତ୍ ସ:ଆ:ସ ଙ୍କୁ କହିଲି ହେ ଅଲ୍ଲାଃଙ୍କ ରସୁଲ୍ ! ସ୍ତ୍ରୀ ର ହକ୍ ସ୍ୱାମୀ ଉପରେ କଣ ? ଆପଣ କହିଲେ ଯାହା ତୁମେ ଖାଉଛି ତାଙ୍କୁ ମଧ୍ୟ ଖୁଆଅ, ଯାହା ତୁମେ ପିନ୍ଧୁଛ ତାଙ୍କୁ ମଧ୍ୟ ପିନ୍ଧାଅ, ତାଙ୍କ ମୁହଁକୁ ମାରନାହିଁ ଏବଂ ତାଙ୍କ ଚେହେରା ଖରାପ କରନାହିଁ । ଯଦି ତୁମକୁ ତାଙ୍କଠାରୁ ଅଲଗା ରହିବାକୁ ପଡ଼େ ତେବେ ଘରେ ଏପରି କର ଅର୍ଥାତ୍ ତାଙ୍କୁ ଘରୁ ବାହାର କରନାହିଁ । (ଅବୁଦାଉଦ୍)

ହଜ୍‌ରତ୍ ଇବ୍‌ନେ ଅବାସ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଗୋଟିଏ କୁଆଁରୀ ଝିଅ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ନିକଟକୁ ଆସି କହିଲା କି ତା ବାପା ତାର ବିବାହ କରୁଛନ୍ତି ଏ ବିବାହ ତାକୁ ନାପସନ୍ଦ ଅଟେ । ସୁତରାଂ ଆଁ ହଜ୍‌ରତ୍ ସ:ଆ:ସ ତାକୁ ଅଧିକାର ଦେଲେ ଯେ ସେ ଯଦି ଚାହିଁବ ତା ନିକାହ୍‌କୁ କାଏମ୍ ରଖିପାରିବ ଏବଂ ଯଦି ଚାହିଁବ ତାକୁ ପ୍ରତ୍ୟାଖାନ କରିପାରିବ । (ଅବୁଦାଉଦ୍)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି :- ''ମୋ ନିକଟରେ ସେ ବ୍ୟକ୍ତି ଭୀରୁ ଓ ନପୁଂସକ ଯିଏ ସ୍ତ୍ରୀ ର ମୁକାବିଲାରେ ଛିଡ଼ା ହୁଏ'' । (ମଲ୍‌ଫୁଜାତ୍ ଖଣ୍ଡ-୨, ପୃଷ୍ଠା-୩୮୭)

ଆଉ ଏକ ଅବସରରେ ଆପଣ ଆ:ସ କହୁଛନ୍ତି - ''ଫହ୍‌ଶା (ଅଶ୍ଳୀଳତା) ବ୍ୟତୀତ ସ୍ତ୍ରୀ ମାନଙ୍କର ବାକି ପ୍ରତ୍ୟେକ ବଙ୍କା ଚରିତ୍ର ଏବଂ ପ୍ରତ୍ୟେକ ପ୍ରକାରର କଟୁତାକୁ ସହି ଯିବା ଉଚିତ୍ । ଆମେ ନିର୍ଲଜ୍ଜ ହେବୁ ଯଦି ପୁରୁଷ ହୋଇ ସ୍ତ୍ରୀ ସହିତ ଯୁଦ୍ଧ କରିବୁ । ଆମକୁ ଖୁଦା ପୁରୁଷ କରିଛନ୍ତି । ବାସ୍ତବରେ ଏହା ହେଉଛି ଆମ ଉପରେ ତାର କରୁଣା । ତାକୁ ଧନ୍ୟବାଦ ଦେବା ଏପରି ହେବ ଯେ ଆମେ ସ୍ତ୍ରୀ ମାନଙ୍କ ସହିତ ନମ୍ର ଓ ପ୍ରେମପୁର୍ଣ୍ଣ ବ୍ୟବହାର କରିବୁ । (ସିରତ୍ ହଜ୍‌ରତ୍ ମସିହ୍ ମଉଦ୍ ଲେଖକ ୟାକୁବ୍ ଅଲ୍ଲି ଇର୍‌ଫାନି, ପୃଷ୍ଠା-୪୦୦)

ସୁତରାଂ ଏପରି କିଛି ନମୁନା ରୂପେ ଆମେ ସ୍ତ୍ରୀ ମାନଙ୍କ ଉପରେ ଇସ୍‌ଲାମ୍‌ର ଉତମ ବ୍ୟବହାର ଓ ସୁନ୍ଦର ଶିକ୍ଷା ର ନିର୍ଦ୍ଦେଶ ଗୁଡିକୁ ଚର୍ଚ୍ଚା କରୁ । ଏବଂ ଆମେ ବିଶ୍ୱାସ ସହିତ କହିପାରିବୁ ଯେ ଆଉ କେହି ନିଜ ଧର୍ମ ପୁସ୍ତକରୁ ଏପରି ଉତମ ଶିକ୍ଷା ବାହାର କରି ଦେଖାଇପାରିବ ନାହିଁ । ମୁସ୍‌ଲମାନ ମାନଙ୍କ ଭୁଲ୍ ଜୀବନ ଶୈଳୀକୁ ଉପସ୍ଥାପନ କରି ଏପରି କହିବା ଯେ ଇସ୍‌ଲାମ୍ ସ୍ତ୍ରୀ ମାନଙ୍କୁ ସମାନତାର ଅଧିକାର ଦେଇନାହିଁ ବୋଲି ଏହା ସମ୍ପୂର୍ଣ୍ଣ ରୂପେ ଅନ୍ୟାୟ ଓ ଜୁଲମ୍ ଅଟେ ।

*ପୃଷ୍ଠା-୧୨ ର ଅବଶିଷ୍ଟାଂଶ.......*

ପ୍ରସ୍ତୁତ କରିଥିଲେ । ହଜୁର୍ ଅନୁୱର୍ ଶ୍ରଦ୍ଧାର ସହିତ ନିଜର ସେହି ଖୁଦାମ୍ ମାନଙ୍କ ପାଇଁ କେକ୍‌ଟିକୁ ବିଭିନ୍ନ ଭାଗରେ ବିଭକ୍ତ କଲେ । ଏହାପରେ ଲଙ୍ଗର୍‌ଖାନାର କାର୍‌କୁନ୍‌ମାନେ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ଲଙ୍ଗର୍‌ଖାନା ବାହାରେ ଦେଗ୍ ୱାସିଂ ମେସିନ୍ ଲଗାଯାଇଥିଲା । ଏହି ମେସିନ୍ ବିଗତ ଦଶବର୍ଷ ହେବ ଲଗାଯାଉଅଛି । ଏବଂ ପ୍ରତ୍ୟେକ ବର୍ଷ ସେଥିରେ ଉତମତା ଅଣାଯାଉଛି । ଏହି ମେସିନ୍‌କୁ ଅହେମଦୀ ଇଞ୍ଜିନିୟର୍‌ମାନେ ମିଶି ପ୍ରସ୍ତୁତ କରିଛନ୍ତି । ଆରମ୍ଭରେ ଏ ଅବସ୍ଥା ଥିଲା ଯେ ମେସିନ୍ ଉପରେ ଦେଗ୍ ରଖିବା ପରେ ଗୋଟିଏ ବଟନ୍ ଦବାଇବାକୁ ପଡୁଥିଲା କିନ୍ତୁ ଏବେ ସେହି ବଟନ୍‌କୁ ଦବାଇବାକୁ ପଡୁନାହିଁ ବରଂ ଯେତେବେଳେ ଦେଗ୍ କୁ ସଫା କରିବା ନିମନ୍ତେ ରଖାଯାଉଛି ସେ ସ୍ୱୟଂ ପରିଚାଳିତ ହେଉଛି । ଗୋଟିଏ ଏପରି ସେନ୍‌ସର୍ ସିଷ୍ଟମ୍ ଲଗାଯାଇଛି ଯେଉଁଥିପାଇଁ ସ୍ୱୟଂ ଫଙ୍କ୍‌ସନ୍ ଆରମ୍ଭ ହୋଇଯାଉଛି । ଏବଂ ଦେଗ୍ ଧୋଇବାର ପଦ୍ଧତି ସମ୍ପୂର୍ଣ୍ଣ ହେବା ପରେ ଦେଗ୍ ସ୍ୱୟଂ ବାହାରକୁ ଆସିଯାଉଛି । ଏହି ମେସିନ୍‌ରେ କାମ କରୁଥିବା କାର୍‌କୁନ୍‌ମାନେ ଗୋଟିଏ ଧାଡ଼ିରେ ମେସିନ୍ ପାଖରେ ଛିଡ଼ା ହୋଇଥିଲେ । ହଜୁର୍ ଅନୁୱର୍ ଅ:ବ:ଅ ବହୁତ ଶ୍ରଦ୍ଧାର ସହିତ ନିଜ ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମେ ଆଲୈକୁମ୍ କହିଲେ ।

ଲଙ୍ଗର୍‌ଖାନା ନିକଟରେ ଗୋଟିଏ ଅଲଗା ଟେଂଟ୍ ଲଗାଯାଇ ଅତିଥିମାନଙ୍କ ନିମନ୍ତେ ଚା ପାଣି ର ବ୍ୟବସ୍ଥା କରାଯାଇଥିଲା । ହଜୁର୍ ଏ ବିଷୟରେ ମୁନ୍‌ତଜିମିନ୍ ମାନଙ୍କଠାରୁ ପଚାରି ବୁଝିଲେ । ଏହାପରେ ହଜୁର୍ ଅ:ବ:ଅ ପ୍ରାଇଭେଟ୍ ଟେଂଟ୍ ଗୁଡିକ ଭିତରକୁ ପ୍ରବେଶ କଲେ ଏବଂ ଟେଂଟ୍‌ର ମଧ୍ୟମ ରାସ୍ତା ଦେଇ ଅତିକ୍ରମ କଲେ । ରାସ୍ତାର ଦୁଇପାର୍ଶ୍ୱରେ ଜର୍ମାନୀର ବିଭିନ୍ନ ଇଲାକାରୁ ଓ ସହରରୁ ଆସିଥିବା ଫ୍ୟାମିଲି ଗୁଡିକ ନିଜ ନିଜ ଟେଂଟ୍ ପାଖରେ ଛିଡ଼ା ହୋଇଥିଲେ । ଏବଂ କିଛି ଲୋକ ନିଜର ଟେଂଟ୍ ଗୁଡିକୁ ପ୍ରସ୍ତୁତ କରୁଥିଲେ । ସମସ୍ତେ ନିଜ ହାତକୁ ଉଠାଇ ହଜୁର୍ ଅନୁୱର୍‌ଙ୍କ ଗୋଚରେ ସଲାମ୍ ପ୍ରେରଣ କରୁଥିଲେ । ହଜୁର୍ ଅନୁୱର୍ ମଧ୍ୟ ଶ୍ରଦ୍ଧାର ସହିତ ନିଜର ହାତକୁ ଉଠାଇ ସେମାନଙ୍କ ସଲାମ୍‌ର ଉତର ଦେଉଥିଲେ । କିଛି ଫ୍ୟାମିଲି ମାନଙ୍କ ସହିତ କଥାବାର୍ତା ମଧ୍ୟ କରୁଥିଲେ । ବିଭିନ୍ନ କୋଣରୁ ଧାରା ବାହିକ ରୂପେ ନାରା ଲଗାଯାଉଥିଲା । ହଜୁର୍ ଅନୁୱର୍ ଶ୍ରଦ୍ଧାର ସହିତ କିଛି ଫ୍ୟାମିଲି ମାନଙ୍କଠାରୁ ତାଙ୍କ ଟେଂଟ୍‌ର ସାଇଜ୍ ବିଷୟରେ ପଚାରି ବୁଝିଲେ ଯେ ଏଥିରେ କେତେ ଲୋକ ରହିପାରିବେ ।

ପ୍ରାଇଭେଟ୍ ଟେଂଟ୍ ଗୁଡିକ ପ୍ରାଙ୍ଗଣର ଗୋଟିଏ ପଟେ ଏକ ଭାଗକୁ ପ୍ରାଇଭେଟ୍ କାର୍‌ଭାନ୍ ନିମନ୍ତେ ନିର୍ଦ୍ଧାରିତ କରାଯାଇଥିଲା । ଏହି ଖିମା ଗୁଡିକ ଏବଂ କାର୍‌ଭାନ୍‌ର ଚାରିପଟେ ବାଡ଼ ଲଗାଯାଇଥିଲା ଏବଂ ଗେଟ୍ ମଧ୍ୟ ତିଆରି କରାଯାଇଥିଲା । ଏବଂ ଏହି ପ୍ରାଙ୍ଗଣରେ ରେଜିଷ୍ଟ୍ରେସନ୍, କାର୍ଡ ଚେକିଂ ଏବଂ ସ୍କାନିଂ ହେବା ପରେ ଦାଖଲ ହୋଇପାରିବେ ।

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ଲଜ୍ଜନା ଜଲ୍‌ସାଗାଃରେ ପ୍ରବେଶ କରିଲେ ଏବଂ ସବୁ ବ୍ୟବସ୍ଥାଗୁଡିକର ନିରୀକ୍ଷଣ କଲେ । ଏବଂ ସେମାନଙ୍କର ବିଭିନ୍ନ ବ୍ୟବସ୍ଥାକୁ ଦେଖିଲେ ଏବଂ ବିଭିନ୍ନ ବିଭାଗର ଅବଲୋକନ କଲେ ଏବଂ କିଛି ଉପଦେଶ ମଧ୍ୟ ଦେଲେ । ଲଜ୍ଜନା ଜଲ୍‌ସା ର ବ୍ୟବସ୍ଥା ନିମନ୍ତେ ନାଜିମା ଆଲା ଙ୍କ ଅଧିନରେ ୧୨ ଜଣ ନାଏବ୍ ନାଜିମାତ୍ ଆଲା ଅଛନ୍ତି । ଏହିପରି ବିଭିନ୍ନ ବିଭାଗ ନିମନ୍ତେ ଯେଉଁ ନାଜିମାତ୍ ଅଛନ୍ତି ସେମାନଙ୍କର ସଂଖ୍ୟା ୬୧ ଓ ନାଏବ୍ ନାଜିମାତ୍‌ଙ୍କର ସଂଖ୍ୟା ହେଉଛି ୩୩୯ । ବ୍ୟବସ୍ଥାପିକା ବିଭାଗ ଗୁଡିକର ସଂଖ୍ୟା-୬୫, ମାୱିନାତ୍‌ର ସଂଖ୍ୟା ଗୁଡିକ ହେଉଛି ୨୬୫୮ । ଏହିପରି ମୋଟାମୋଟି ଭାବେ ୨୬୫୮ ମହିଳା ଏବଂ ପିଲା ଲଜ୍ଜନାଙ୍କ ତରଫରୁ ଡ୍ୟୁଟି ଦେଉଥିଲେ । ଲଜ୍ଜନାଙ୍କ ବ୍ୟବସ୍ଥାର ପର୍ଯ୍ୟବେକ୍ଷଣ ପରେ ହଜୁର୍ ଅନୁୱର୍ ଅ:ବ:ଅ ଏମ୍.ଟି.ଏ ର ଷ୍ଟୁଡ଼ିଓ ଗୁଡିକ ଓ ଅନ୍ୟ ବିଭାଗୀୟ ବ୍ୟବସ୍ଥାର ନିରୀକ୍ଷଣ କଲେ ଏବଂ କିଛି ବିଷୟ ପଚାରି ବୁଝିଲେ ।

ଏହାପରେ ହଜୁର୍ ଅନୁୱର୍ ବୁକ୍ ଷ୍ଟଲ୍‌ର ନିରୀକ୍ଷଣ କଲେ । ଏଠାରେ ଟେବୁଲ୍ ଏବଂ ଷ୍ଟାଂଡ୍ ଗୁଡିକ ଉପରେ ବହୁତ ପର୍ଯ୍ୟାୟ କ୍ରମେ ପୁସ୍ତକ ଗୁଡିକ ରଖାଯାଇଥିଲା । ଫଳତଃ ପୁସ୍ତକକୁ ହାସଲ କରୁଥିବା ଲୋକେ ସହଜରେ ନିଜର ଚାହୁଁଥିବା ପୁସ୍ତକକୁ ହାସଲ କରିପାରିବେ । ସେକ୍ରେଟାରୀ ସାହେବ୍ ଇଶାଅତ୍ ହଜୁର୍ ଅନୁୱର୍‌ଙ୍କ ଗୋଚରେ କହିଲେ ଯେ ''ହଦିକତୁସ୍ ସ୍ୱାଲେହିନ୍'' ର ଜର୍ମାନୀ ଅନୁବାଦ ପ୍ରକାଶ ପାଇଯାଇଛି । ଏହିପରି ପୁସ୍ତକ ହୟାତେ ତୟବା ର ମଧ୍ୟ ଜର୍ମାନୀ ଭାଷାରେ ଅନୁବାଦ ହୋଇ ପ୍ରକାଶ ହୋଇସାରିଛି । ହଜୁର୍ ଅନୁୱର୍ ଅ:ବ:ଅ ଏହି ଦୁଇଗୋଟି ପୁସ୍ତକକୁ ଦେଖିଲେ ।

ଏହାପରେ ହଜୁର୍ ଅନୁୱର୍ ହ୍ୟୁମାନିଟି ଫାଷ୍ଟ୍ ବିଭାଗକୁ ନିରୀକ୍ଷଣ କଲେ । ଆଫ୍ରିକାରେ ସଫା ପାଣିର ବ୍ୟବହାର ନିମନ୍ତେ ଯେଉଁ ନଳକୂପ ଓ ପମ୍ପ୍ ଲଗାଯାଇଛି ସେଗୁଡିକ ଫଟୋରେ ଦର୍ଶାଇ ଦିଆଯାଇଥିଲା । ଗୋଟିଏ ହ୍ୟାଣ୍ଡ୍ ପମ୍ପ୍ ମଧ୍ୟ ଲଗାଯାଇଥିଲା । ହ୍ୟୁମାନିଟି ଫାଷ୍ଟ୍‌ର ଚେୟାର୍‌ମ୍ୟାନ୍ ଡାକ୍ତର ଅତହର୍ ଜୁବେର୍ ସାହେବ ପାଣି ବାହାର କରି ଦେଖାଇଲେ । ହଜୁର୍ ଅନୁୱର୍ ହ୍ୟୁମାନିଟି ଫାଷ୍ଟ ଜର୍ମାନୀର ଷ୍ଟଲ୍‌ରେ ପଡ଼ିଥିବା ବିଭିନ୍ନ ପ୍ରକାର ଜିନିଷ ବିଷୟରେ ପଚାରବୁଝିଲେ ।...

ଏହାପରେ ହଜୁର୍ ଅନୁୱର୍ ଯାମିଆ ଅହେମଦୀୟା ଜର୍ମାନୀର ଷ୍ଟଲ୍ ବିଷୟରେ ପଚାରିଲେ ଯେ ଯାମିଆର ପିଲାମାନେ କଣ କରୁଛନ୍ତି । ଏଥିରେ ମୁନ୍‌ତଜିମ୍ ଷ୍ଟଲ୍ ଜଣାଇଲେ ଯେ ଏଠି ଯାମିଆ ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ଓ ଇନ୍‌ଫର୍‌ମେସନ୍ ଦିଆଯାଉଅଛି ଏବଂ ଯାମିଆରେ ପ୍ରବେଶ ନିମନ୍ତେ ଗାଇଡ୍ କରାଯାଉଛି । ଏହାପରେ ହଜୁର୍ ଅନୁୱର୍ ପଚାରି ବୁଝିଲେ ଯେ ଏଠି କେଉଁ କେଉଁ ବିଭାଗର ଦଫତର୍ ତିଆରି କରାଯାଇଛି । ଏଥିରେ ଜର୍ମାନୀର ଅମିର୍ ସାହେବ୍ ବତାଇଲେ ଯେ ୱସିୟତ୍ ବିଭାଗ, ରିସ୍ତାନାତା ବିଭାଗ, ଉମୁରେ ଆମା ବିଭାଗ, ଶହେଗୋଟି ମସ୍‌ଜିଦ୍ ନିର୍ମାଣର ବିଭାଗ, ସମଇ ବଶ୍‌ରି ବିଭାଗ, ଶିକ୍ଷା ବିଭାଗ, ବୁକ୍ ଷ୍ଟଲ୍, ଖୁଦାମ୍ କେଫ୍ ବିଭାଗ ଏବଂ ଗ୍ରୀନ୍ ଏରିଆ ପାଇଁ କାର୍ଡ଼ ଜାରି କରାଯାଉଥିବା ବିଭାଗ ଏଠାରେ କାଏମ୍ କରାଯାଇଛି । ହଜୁର୍ ଅନୁୱର୍ ଅ:ବ:ଅ ୧୦୦ ଗୋଟି ମସ୍‌ଜିଦ୍ ନିର୍ମାଣ ବିଭାଗଙ୍କ ଦଫ୍‌ତର୍‌କୁ ଗଲେ । ଏଠି ଜର୍ମାନୀରେ ନିର୍ମାଣ ହେବାକୁ ଥିବା ସମସ୍ତ ମସ୍‌ଜିଦ୍‌ର ଫଟୋଚିତ୍ର ଓ ବାୟୋଡାଟା ସହିତ ଲାଗିଥିଲା ।

ହଜୁର୍ ଅନୁୱର୍ ଅ:ବ:ଅ ସେକ୍ରେଟାରୀ ସାହେବ୍ ଜାଏଦାଦ୍‌ଙ୍କ ଠାରୁ ନିର୍ମାଣଧିନ ମସ୍‌ଜିଦ୍ ବିଷୟରେ ପଚାରି ବୁଝିଲେ । କିଛି ବିଷୟରେ ଗାଇଡ୍ କଲେ । ଜଲ୍‌ସା ସାଲାନାର ବିଭିନ୍ନ ବ୍ୟବସ୍ଥା ଗୁଡିକର ନିରୀକ୍ଷଣ ପରେ ହଜୁର୍ ଅନୁୱର୍ ଅ:ବ:ଅ ଜଲ୍‌ସା ଗାଃରେ ପ୍ରବେଶ କଲେ । ଯେଉଁଠି ପ୍ରୋଗ୍ରାମ୍ ମୁତାବକ ଜଲ୍‌ସା ସାଲାନାର ଡ୍ୟୁଟି କିପରି କରାଯିବ ତାର ଉଦ୍‌ଘାଟନ ଉତ୍ସବ ଥିଲା । ପ୍ରତ୍ୟେକ ନାଜିମ୍‌ମାନେ ନିଜ ସହଯୋଗୀମାନଙ୍କ ସହିତ ଓ କାର୍‌କୁନ୍‌ଙ୍କ ସହିତ ଗୋଟିଏ ଧାଡ଼ିରେ ବସିଥିଲେ ।

ଅଫିସର୍ ଜଲ୍‌ସା ସାଲାନା, ଅଫିସର୍ ଜଲ୍‌ସାଗାଃ ଏବଂ ଅଫିସର୍ ଖିଦ୍‌ମତେ ଖଲ୍‌କଙ୍କ ବ୍ୟତୀତ ନାଏବ୍ ଅଫିସର୍‌ମାନଙ୍କର ସଂଖ୍ୟା ହେଉଛି ୧୨ । ନାଜମିନ୍‌ଙ୍କର ସଂଖ୍ୟା ହେଉଛି-୭୧, ନାଏବ୍ ନାଜମିନ୍‌ଙ୍କର ସଂଖ୍ୟା ହେଉଛି-୨୫୫ । ଯଦିଚ ମୁନ୍‌ତଜମିନ୍‌ମାନଙ୍କର ସଂଖ୍ୟା ୨୭୩ ହେବ ଏବଂ ସହଯୋଗୀମାନଙ୍କର ସଂଖ୍ୟା ୬୯୭୮ । ଏହିପରି ସର୍ବମୋଟ ରୂପେ ୭୫୯୨ ପରୁଷ ଏବଂ ପିଲାମାନେ ନିଜ ନିଜ ଡ୍ୟୁଟି ଦେଉଥିଲେ । ଲଜ୍ଜନାର କାର୍‌କୁନାତ୍ ମାନଙ୍କୁ ସାମିଲ୍ କଲେ ସର୍ବମୋଟ ୧୦୨୫୦ ହେବ ।

ଉତ୍ସବର ପ୍ରାରମ୍ଭ ପବିତ୍ର କୋରାନ୍‌ର ପାଠ ଦ୍ୱାରା ହେଲା ଯାହା ମୋକରମ୍ ନୁରୁଦ୍ଦିନ୍ ଅଶରଫ୍ ସାହେବ୍ ଜାମିଆର ଷଷ୍ଠ ଶ୍ରେଣୀର ଶିକ୍ଷାର୍ଥୀ ପାଠ କଲେ । ଏହାପରେ ହଜୁର୍ ଭାଷଣ ଦେଲେ ।

ଜଲ୍‌ସା ସାଲାନା ଜର୍ମାନୀ-୨୦୧୭ ରେ

## କାର୍‌କୁନ୍‌ମାନଙ୍କର ନିରୀକ୍ଷଣ ଅବସରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଭାଷଣ

ହଜୁର୍ ଅନୁଓ୍ୱର୍ ଅ:ବ:ଅ ତଶହୁଦ, ତଉଜ ଏବଂ ତସ୍‌ମିଆ ପରେ କହିଲେ ଯେ ଅଲ୍ଲାଃତାଲାଙ୍କ ଦୟା ବଳରୁ ଜର୍ମାନର ଯମାତ୍ ଗୁଡିକୁ ଆଉ ଗୋଟିଏ ଜଲ୍‌ସା ପାଳନ କରିବା ପାଇଁ ଶକ୍ତି ପ୍ରଦାନ କରୁଛନ୍ତି । ଯେପରି ଜଲ୍‌ସାରେ ସାମିଲ୍ ହେବାକୁ ଥିବା ସଂଖ୍ୟା ବଢ଼ିଚାଲିଛି ସେହିପରି କାର୍‌କୁନ୍‌ମାନଙ୍କର ସଂଖ୍ୟା ମଧ୍ୟ ବଢ଼ିଚାଲିଛି । ବରଂ କିଛି ନୂଆ ବିଭାଗ ମଧ୍ୟ ତିଆରି ହୋଇଛି । ସମ୍ଭବତଃ ତାହା ପ୍ରଥମେ ତିଆରି ହୋଇନଥିଲା । ଏବଂ ସେମାନଙ୍କ ପାଇଁ ମଧ୍ୟ ଏବେ କାର୍‌କୁନ୍ ଉପଲବ୍ଧ ହୋଇଯାଉଛନ୍ତି । ଏହା ଅଲ୍ଲାଃତାଲାଙ୍କ ଯମାତ୍ ଉପରେ ଏକ ବିଶେଷ ଦୟା ଅଟେ ଯେ ନିଃସ୍ୱାର୍ଥପର ସେବା କରୁଥିବା କାର୍‌କୁନ୍ ମାନଙ୍କୁ ଅଲ୍ଲାଃତାଲା ହଜରତ୍ ମସିହ୍ ମଉଦ୍ ଆ:ସ ଙ୍କ ଅତିଥିମାନଙ୍କ ସେବା ପାଇଁ ଉପଲବ୍ଧ କରାଇଦେଉଛି... ।

ସୁତରାଂ ଏଥିଯୋଗୁଁ ନିଜପାଇଁ କୌଣସି ଚିନ୍ତା ନାହିଁ ଯେ କାର୍‌କୁନ୍‌ମାନେ କାମ କରୁନାହାଁନ୍ତି । ହଁ ଚିନ୍ତା ଏଥିପାଇଁ ବେଳେବେଳେ ହେଉଛି ଯେ ମାଉନିନ୍ ଓ କାର୍‌କୁନ୍‌ମାନେ ତ ଖିଦ୍‌ମତ୍‌ର ଭାବନା ରଖି କାମ କରୁଛନ୍ତି ଏବଂ ନିଃସ୍ୱାର୍ଥପର ହୋଇ କାମ କରୁଛନ୍ତି । କିନ୍ତୁ ଅଫିସର୍‌ମାନଙ୍କ ମଧ୍ୟରେ ନିଃସ୍ୱାର୍ଥପର ସେବାର ଭାବନା ଉଦ୍ରେକ ହେବା ଉଚିତ୍ । ବର୍ତ୍ତମାନ ଯେଉଁ ତେଲାଓ୍ୱତ୍ କରାଗଲା ଅଲ୍ଲାଃତାଲା ଏଥିରେ କହୁଛନ୍ତି ଯେ ମୋମିନ୍ ମାନଙ୍କୁ ଅଲ୍ଲାଃତାଲା ଏକତ୍ର କରିବାକୁ ଚାହୁଁଛନ୍ତି ଯଦ୍ଦ୍ୱାରା ସେମାନେ ଏକତ୍ର ହୋଇ କାମ କରିବେ । ଅଲ୍ଲାଃତାଲା କୋରାନ୍‌ରେ ଅମାନ୍ୟକାରୀଙ୍କ ନିମନ୍ତେ ଏ ଚିହ୍ନ ବତାଇଛି ଯେ ଓ୍ୱକୁଲୁବୁହୁମ୍ ଶତ୍ତା (୫୯:୧୫) ଅର୍ଥାତ୍ ସେମାନଙ୍କର ହୃଦୟ ଫାଟି ଯାଇଛି । କିନ୍ତୁ ଜଣେ ମୋମିନ୍ ପାଇଁ ଏପରି ଚିହ୍ନିତ ହେବା ଉଚିତ୍ ନୁହେଁ । ମୋମିନଙ୍କର ହୃଦୟ ତ ଆପଶରେ ପ୍ରେମ ଓ ସୌହାର୍ଦ୍ଦ୍ୟ ଦ୍ୱାରା ଯୋଡ଼ି ହୋଇଥାଏ । ସୁତରାଂ ଅଫିସର୍‌ମାନେ ମଧ୍ୟ ଯଦି ଆପଶରେ ତାଉନ୍ କରି ପ୍ରେମ ଓ ସୌହାର୍ଦ୍ଦ୍ୟର ସହିତ ଜଣେ ଅନ୍ୟକୁ ବୁଝି କାମ କରିବେ ତେବେ ତାଙ୍କ କାମ୍‌ରେ ଆଉ ଅଧିକ ବର୍‌କତ୍ ପଡ଼ିବ । ଯେଉଁ ବର୍‌କତ୍ ହେଉଛି ତାହା ତାଙ୍କର କାର୍ଯ୍ୟଦକ୍ଷତା ଯୋଗୁଁ ନୁହେଁ । ଏହି ଭାବନାକୁ ଅଫିସର୍‌ମାନେ ମୁଣ୍ଡରୁ ବାହାର କରିଦେବା ଉଚିତ୍ । ଯଦି ବର୍‌କତ୍ ହେଉଛି ତେବେ ଏଥିପାଇଁ ଯେ ଅଲ୍ଲାଃତାଲା ତାର ଜିମା ନେଇଛି ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଅତିଥିମାନଙ୍କ ସେବା ନିମନ୍ତେ କାର୍‌କୁନ୍ ସୃଷ୍ଟି କରିଛି । ଏବଂ ସେ କାର୍‌କୁନ୍‌ଙ୍କ ହୃଦୟରେ ଏହା ପକାଇଦିଏ ଯେ ଅଫିସର୍ ଭଲ ହୁଅନ୍ତୁ ବା ଖରାପ, ପରିଶ୍ରମ ହୁଅନ୍ତୁ ବା ନାହିଁ ଗୋଟିଏ ମେସିନ୍‌ର କଳକବ୍‌ଜା ପରି ଯାହାକୁ ଥରେ କୌଣସି କାମରେ ଲଗାଇଦେଲେ ସେ କାମ କରିବାକୁ ଲାଗିଥାଏ ସେହିପରି ପ୍ରତ୍ୟେକ ବିଭାଗରେ କାର୍‌କୁନ୍‌ମାନେ କାମ କରିଚାଲିଛନ୍ତି ।

ସୁତରାଂ ଆଜି ମୁଁ କାର୍‌କୁନ୍ ମାନଙ୍କୁ କିଛି କହିବାକୁ ଚାହୁଁନାହିଁ କାରଣ ମୁଁ ଜାଣିଛି ଯେ ସେମାନଙ୍କ ଭିତରେ ଗୋଟିଏ ଉତ୍ସାହ ଅଛି ଏବଂ ସେମାନେ ସେହି କାମ କରିବେ ଯାହା ତାଙ୍କୁ କରିବା ପାଇଁ ଦିଆଯିବ । ଇନ୍‌ଶାଅଲ୍ଲାଃ ।....

ଭାଷଣ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୁଆ କରାଇଲେ । ଏହାପରେ ପ୍ରୋଗ୍ରାମ୍ ମୁତାବକ ୯ ଟା ସମୟରେ ହଜୁର୍ ନମାଜ ମଗ୍‌ରିବ୍ ଓ ଇଶା ଜମା କରି ପଢ଼ାଇଲେ । ନମାଜ ପରେ ନିଜର ଆବାସସ୍ଥଳୀ ଆଡ଼କୁ ଯିବା ସମୟରେ ଆପଣ ନୁମାଇଶ୍ (ପ୍ରଦର୍ଶନୀ) ର ନିରୀକ୍ଷଣ କଲେ ।

ଇସ୍‌ଲାମ୍ ଓ କୋରାନ୍ ପ୍ରଦର୍ଶନୀ ନାମରେ ପ୍ରଦର୍ଶନୀ ଲଗାଯାଇଥିଲା । ଏଥିରେ ତବ୍‌ଲିଗ୍ ପ୍ରଦର୍ଶନୀ ବ୍ୟତୀତ ରିଭିଉ ଅଫ୍ ରିଲିଜିଅନ୍‌ସ (ଜର୍ମାନ୍) ର ଷ୍ଟଲ୍‌କୁ ମଧ୍ୟ ସାମିଲ୍ କରାଯାଇଥିଲା ।... ଏହାପରେ ହଜୁର୍ ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ । ଜଲ୍‌ସା ଦିନ ଗୁଡିକରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ କୟାମ୍ (ରହଣୀ) ଜଲ୍‌ସାଗାଃର ଭିତରେ ଗୋଟିଏ ଆବାସିକ ଭାଗରେ ଥିଲା ।

**୨୫ ଅଗଷ୍ଟ ୨୦୧୭ (ଶୁକ୍ରବାର)**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରତ୍ୟୁଷ ୫:୩୦ ରେ ପୁରୁଷ ଜଲ୍‌ସାଗାଃ କୁ ଆସି ନମାଜ ଫଜର ପଢ଼ାଇଲେ । ତାପରେ ନିଜ ଆବସସ୍ଥଳୀକୁ ପ୍ରତ୍ୟାଗମନ କଲେ । ସକାଳେ ହଜୁର୍ ଅ:ବ:ଅ ଦଫ୍‌ତରି ଡାକକୁ ଦେଖିଲେ ଏବଂ ବିଭିନ୍ନ ପ୍ରକାର ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ଲିପ୍ତ ରହିଲେ ।

ଆଜି ଅଲ୍ଲାଃତାଲାଙ୍କ ଦୟାବଳରୁ ଯମାତ୍ ଅହେମଦୀୟା ଜର୍ମାନୀର ୪୨ ତମ ଜଲ୍‌ସାସାଲାନା ଆରମ୍ଭ ହେବାକୁ ଯାଉଥିଲା । ଆଜି ଜଲ୍‌ସା ସାଲାନାର ପ୍ରଥମ ଦିବସ । ଦ୍ୱିପ୍ରହର ୧:୫୫ ରେ ହଜୁର୍ ପରଚମ୍ କୁଶାଇ (ପତାକା ଉତୋଳନ) ଉତ୍ସବ ନିମନ୍ତେ ଜଲ୍‌ସାଗାଃର ଚାରି ହଲ୍‌ର ମଝିରେ ଥିବା ଗୋଟିଏ ଲନ୍ ଭିତରକୁ ଆସିଲେ ଏବଂ ସେଠାରେ ଅହିମଦିଅତ୍ ର ପତାକା ଲହରାଇଲେ ଓ ଅମୀର ସାହେବ୍ ଜର୍ମାନୀ ର ଜାତୀୟ ପତାକା ଲହରାଇଲେ । ଏହାପରେ ହଜୁର୍ ଦୁଆ କରାଇଲେ ।

ଏମ୍.ଟି.ଏ ଇଂଟରନ୍ୟାସନାଲ ଏହି ଜଲ୍‌ସାଗାଃରୁ ସିଧା ପ୍ରସାରଣ ସକାଳୁ ଆରମ୍ଭ କରିସାରିଥିଲା । ପତାକା ଉତୋଳନ ଉତ୍ସବ ମଧ୍ୟ ସାରା ଦୁନିଆରେ ସିଧା ପ୍ରସାରଣ କରାଗଲା । ଏହାପରେ ହଜୁର୍ ଅ:ବ:ଅ ପୁରୁଷ ଜଲ୍‌ସା କୁ ଆସିଲେ ଏବଂ ଖୁତ୍‌ବା ଜୁମା ଉପସ୍ଥାପନ କଲେ । ଏହା ସହିତ ଜଲ୍‌ସାର ଶୁଭାରମ୍ଭ ହେଲା । ଖୁତ୍‌ବା ଜୁମାର ସମ୍ପୂର୍ଣ୍ଣ ଲେଖାଟି ଅଖବାର୍ ତା ୧୪-୦୯-୨୦୧୭ ସଂଖ୍ୟା-୩୭ ରେ ପ୍ରକାଶ ପାଇସାରିଛି ।

ହଜୁର୍ ଅନୁଓ୍ୱରଙ୍କର ଏହି ଖୁତ୍‌ବା ଜୁମା ୩ ଟା ପର୍ଯ୍ୟନ୍ତ ଜାରି ରହିଲା । ଏହି ଖୁତ୍‌ବା ଜୁମା ଏମ୍.ଟି.ଏ ଇଂଟରନ୍ୟାସ୍‌ନାଲ୍ ଦ୍ୱାରା ସିଧା ପ୍ରସାରଣ କରାଗଲା । ଏବଂ ସ୍ଥାନୀୟ ରୂପେ ନିମ୍ନଲିଖିତ ୧୪ ଟି ଭାଷାରେ ଲାଇଭ୍ ଅନୁବାଦ ପ୍ରସାରଣ କରାଗଲା । ଆରବୀ, ଜର୍ମାନ୍, ଇଂରାଜୀ, ଫ୍ରେନ୍‌ଚ, ଫାର୍ସୀ, ତୁର୍କୀ, ବଙ୍ଗଳା, ବୋଜ୍‌ନିୟନ୍, ବୁଲ୍‌ଗେରିଆନ୍, ଅଲ୍‌ବାନିଅନ୍, ଋଶି, ସ୍ୱାହିଲି, ସ୍ପେନିସ୍ ଏବଂ ପର୍ତୁଗ୍ରୀଜ୍ ।

**ଇଲେକ୍‌ଟ୍ରୋନିକ୍ ଏବଂ ପ୍ରିଂଟ୍ ମିଡ଼ିଆ ଙ୍କ ସହିତ ହଜୁର୍ ଅନୁଓ୍ୱରଙ୍କର ଇଂଟରଭ୍ୟୁ**

ଖୁତ୍‌ବା ଜୁମା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜୁମା ନମାଜ ସହିତ ଅସର୍ ନମାଜକୁ ଜମା କରିପଢ଼ାଇଲେ । ନମାଜ ପରେ ପ୍ରଥମରୁ ଧାର୍ଯ୍ୟ କରାଯାଇଥିବା ପ୍ରୋଗାମ ମୁତାବକ ହଜୁର୍ କନ୍‌ଫରେନ୍‌ସ ରୁମ୍ ଭିତରେ ପ୍ରବେଶ କଲେ ଯେଉଁଠି ପ୍ରେସ୍ କନ୍‌ଫରୋନ୍‌ସ ର ଶୁଭାରମ୍ଭ ୩:୩୦ ମିନିଟ୍‌ରେ ହେଲା ନିମ୍ନଲିଖିତ ଇଲୋକ୍‌ଟ୍ରୋନିକ୍‌ସ ଏବଂ ପ୍ରିଂଟ୍ ମିଡ଼ିଆର ଜର୍ନାଲିଷ୍ଟମାନେ ଏବଂ ପ୍ରତିନିଧିମାନେ ଉପସ୍ଥିତି ଥିଲେ ।

**ଇଂଟରନ୍ୟାଶନାଲ୍ ମିଡ଼ିଆ**

(୧) ଟି.ଭି. କେ-୮, କୋସାନି (ମେସିଡ଼ୋନିଆ)
(୨) ଗ୍ଲୁବୋ ଟି.ଭି. (ବ୍ରାଜିଲ୍)
(୩) ଟି.ଭି ୟୁରୋ ଟାଇମ୍‌ସ
(୪) ଲା ରିପବ୍ଲିକା ସମ୍ବାଦପତ୍ର (ଇଟାଲିକ୍)
(୫) କୋରିଅର୍ ପତ୍ରିକା (ଅଷ୍ଟ୍ରିଆ)

**ନ୍ୟାଶନାଲ୍ ମିଡ଼ିଆ**

(୧) ଟି.ଭି. ଜେଡ୍.ଡି.ଏଫ୍ ହ୍ୟୁଟି
(୨) ଆର୍.ଟି.ଏଲ୍ ୦୪ ଏନ୍ ଟି.ଭି.
(୩) ଟି.ଭି. ଏନ୍ ୨୪
(୪) ଟି.ଭି ଏ.ଆର୍.ଡି ମିମା
(୫) ଡ଼ି.ପି ଅଇଫୋନୋ (ପ୍ରିଂଟ୍ ମିଡ଼ିଆ)
(୬) ଡ଼ି.ପି ଆଇପ୍ରିଂଟ୍
(୭) ପବ୍ଲିକ୍ ଫୋରମ୍ (ପ୍ରିଂଟ୍)
(୮) ଇ.ପି.ଡ଼ି (ପ୍ରିଂଟ୍)

ଲୋକାଲ୍ ମିଡ଼ିଆ

(୧) ଟି.ଡ଼ି. ଏସ୍.ଡବ୍ଲ୍ୟୁ.ଆର୍
(୨) ଏସ୍.ଡବ୍ଲ୍ୟୁ.ଆର୍ ରେଡ଼ିଓ
(୩) ପି.ଏନ୍.ଏନ୍ (ପ୍ରିଂଟ୍ ମିଡ଼ିଆ)
(୪) କେ.ଏ ନ୍ୟୁଜ୍
(୫) ସୁଇଡେଷ୍ଟ ପ୍ରେସ୍ (ପ୍ରିଂଟ୍)
(୬) ବାଡ଼ିସ୍ ଜେଇଟୁଙ୍ଗ୍

ଜଣେ ଜର୍ନାଲିଷ୍ଟ ପ୍ରଶ୍ନ କଲେ ଆମକୁ ବ୍ରାଜିଲ୍‌ରେ 'ଯେଉଁମାନେ ଅଧିକାଂଶ ଇସାଇ ଅଟନ୍ତି ସେମାନଙ୍କୁ ଏକଥା ବୁଝାଇବା ପାଇଁ ବହୁତ କଷ୍ଟ ହେଉଛି ଯେ ଇସ୍‌ଲାମ୍ କଠୋରପନ୍ଥୀ ଧର୍ମ ନୁହେଁ କିନ୍ତୁ ପବିତ୍ର କୋରାନ୍‌ରେ କିଛି ଆୟତ୍ ଅଛି ଯେଉଁଥିରେ କଟରପନ୍ଥୀର ଆଭାସ ମିଳୁଅଛି ?

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କଣ ଆପଣଙ୍କ ପାଖରେ ସେହି ସୁରା ବା ସେହି ଆୟତଗୁଡିକ ଅଛି ଯେଉଁଥିରେ ଏହା ବର୍ଣ୍ଣନା କରାଯାଇଛି ? ଯଦି ଆପଣ ଇସ୍‌ଲାମ୍‌ର ଇତିହାସ୍ ଦେଖିବେ ତେବେ ଜାଣିପାରିବେ ଯେ ପୈଗମ୍ବର୍ ଇସ୍‌ଲାମ୍ ସ:ଆ:ସ ମକାରେ ୧୩ ବର୍ଷ ପର୍ଯ୍ୟନ୍ତ ଦୁଃଖ କଷ୍ଟ ସହିଛନ୍ତି । ଏବଂ ତାପରେ ଅଲ୍ଲାଃତାଲାଙ୍କର ଅନୁମତି ନେଇ ଆପଣ ମଦିନାକୁ ଚାଲିଗଲେ । ଆପଣଙ୍କ ମଦିନା ହିଜ୍‌ରତ୍ କରିବାର ଦେଢ଼ବର୍ଷ ପରେ କୁଫାରେ ମକା (ମକା ର ଅମାନ୍ୟକାରୀ ଲୋକେ) ଆପଣଙ୍କ ଉପରେ ପୁଣି ହମ୍‌ଲା କଲେ । ୧୩ବର୍ଷ ପର୍ଯ୍ୟନ୍ତ ଧୈର୍ଯ୍ୟ ବରଦାସ୍ତ କରିବା ପରେ ଯାଇ ତାଙ୍କୁ ନିଜ ଉପରେ ହୋଇଥିବା ଅତ୍ୟାଚାରର ଉତର ଦେବାପାଇଁ ଅନୁମତି ମିଳିଲା ଏବଂ ତାହା ପ୍ରଥମ ଅନୁମତି ଥିଲା । ଯାହା ମୁସଲମାନଙ୍କୁ ଉତର ସଦୃଶ ହମ୍‌ଲା କରିବା ପାଇଁ ଅନୁମତି ଦିଆଯାଇଥିଲା ଯେ କୁଫାରେ ମକା ଯେପରି ହମ୍‌ଲା କରୁଛନ୍ତି ସେହିପରି ତାଙ୍କୁ ତାଙ୍କର ଉତର ଦିଆଯାଉ । ଏହାର ଅନୁମତି ସୁରା ନଂ-୨୨, ଆୟତ ନଂ-୪୦-୪୧ ରେ ଦିଆଯାଇଛି । ସେଥିରେ କୁହାଯାଇଛି ଯେ ତୁମକୁ ଯୁଦ୍ଧ କରିବାକୁ ଅନୁମତି ଦିଆଯାଉଛି କାରଣ ଯଦି ସେମାନଙ୍କ ବର୍ତ୍ତମାନ ରୋକ ନଯିବ ତେବେ କୌଣସି ୟହୁଦିମାନଙ୍କର ଉପାସନା ପୀଠ, କଲିସା, ମନ୍ଦିର ଓ ମସ୍‌ଜିଦ୍ ସୁରକ୍ଷିତ ରହିବେ ନାହିଁ । ଯେବେ ଅନୁମତି ଦିଆଗଲା ତେବେ ଏହା କେବଳ ଧର୍ମକୁ ବଂଚାଇବା ପାଇଁ ଦିଆଗଲା । ଏହି ଆୟତ୍‌ରେ ଉପାସନା ପୀଠ, ଚର୍ଚ୍ଚ ଏବଂ ମନ୍ଦିରର ଚର୍ଚ୍ଚା କରିବା ପରେ ଶେଷରେ ମସ୍‌ଜିଦ୍‌ର ଚର୍ଚ୍ଚା କରାଯାଇଛି । ଏଥିରୁ ଜଣାଯାଉଛି ଇସ୍‌ଲାମ୍ ବିନା ଉଦ୍ଦେଶ୍ୟରେ ଯୁଦ୍ଧର ଅନୁମତି ଦେଇନଥାଏ । ଏହାପରେ ମଧ୍ୟ ଆପଣମାନେ ଦେଖିପାରିବେ ଯେ ସବୁ ପ୍ରକାରର ଯୁଦ୍ଧ ଏବଂ ଯୁଦ୍ଧର ପରିବେଶ କୁଫାରେ ମକାଙ୍କ ତରଫରୁ ସୃଷ୍ଟି କରାଗଲା । ଓ ପୁଣି ମୁସ୍‌ଲମାନ ମାନେ କେବଳ ଏହାର ପ୍ରତିରୋଧ କଲେ । ସେଥିଯୋଗୁଁ ସେ ସବୁ ଆୟତଗୁଡିକରେ ଯେଉଁଥିରେ ପ୍ରତିରକ୍ଷାମୂଳକ ଯୁଦ୍ଧର ଅନୁମତି ଦିଆଯାଇଛି ବା ଯେଉଁଠୁ ତାକୁ ରୋକାଯାଇଛି ସେଥିରେ ବିଜ୍ଞତା ଅଛି । ଏହି ନିର୍ଦ୍ଦେଶ ବିନା ବିଜ୍ଞତାରେ ନୁହେଁ ଯେପରିକି ଆଜି କାଲିର ନାମକୁ ମାତ୍ର ମୁସଲମାନ୍, ସନ୍ତ୍ରାସବାଦୀ ଗ୍ରୁପ୍ କରିଚାଲିଛନ୍ତି । ଏହା କେବଳ ଇସ୍‌ଲାମ୍ ନୁହେଁ ଯିଏ ନିଜର ପ୍ରତିରକ୍ଷା କରିବା ପାଇଁ ଅନୁମତି ଦେଉଅଛି । ବରଂ ତୌରାତ୍‌ରେ ମଧ୍ୟ ୫୦୦୦ ରୁ ଅଧିକା ଆୟତ୍ ଅଛି । ଏପରିକି ଇଞ୍ଜିଲ୍‌ରେ ମଧ୍ୟ କିଛି ଆୟତ

ଅଛି ଯେଉଁଥିରେ ଲେଖାଯାଇଛି ଯେ ଯେତେବେଳେ ତୁମ ଉପରେ ଅତ୍ୟାଚାର କରାଯିବ ତେବେ ତୁମେ ତାର ପ୍ରତିରୋଧ କର । ହଜରତ୍ ମସିହ୍ ନାସିର୍ ଙ୍କ ଏହି ତାଲିମ୍ ଅଟେ ଯେ ଯେତେବେଳେ ତୁମ ଗୋଟିଏ ଗାଲକୁ ଧାପଡ଼ ମାରିବ ତେବେ ତୁମେ ଦ୍ୱିତୀୟ ଗାଲକୁ ତା ଆଡ଼କୁ ବଢ଼ାଇ ଦିଅ । ଏହା କେବଳ ଯୈସା କରୋଗେ ୱେସା ଭରୋଗେ ଅର୍ଥାତ୍ ଯେପରି କରିବ ସେପରି ପାଇବ ନିୟମମୁତାବକ ଅଟେ ନଚେତ୍ ମୁସଲ୍‌ମାନଙ୍କୁ କେବେ ମଧ୍ୟ ଯୁଦ୍ଧ ଆରମ୍ଭ କରିବା ପାଇଁ ଅନୁମତି ଦିଆଯାଇନାହିଁ ।...

ଜଣେ ଜର୍ନାଲିଷ୍ଟ ନିଜର ପରିଚୟ ଦେଲେ ଯେ ତାଙ୍କର ସମ୍ପର୍କ ଏସ୍.ଡବ୍ଲ୍ୟୁ.ଆର୍ ଟି.ଭି ଅଛି । ଅହେମଦୀୟା ମୁସଲିମ୍ ଯମାତ ଲିବରାଲ୍ ଯମାତ୍ର ଅଟେ । ସମଲିଙ୍ଗୀ ସମ୍ବନ୍ଧରେ ଆପଣଙ୍କର କଣ ବିଶ୍ୱାସ । ଯଦି କେହି ଏପରିବ୍ୟକ୍ତି ଆସେ ତେବେ କଣ ତୁମେ ତାକୁ ଗ୍ରହଣ କରିନେବ ?

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ମୁଁ ହେଉଛି ଜଣେ ଧାର୍ମିକ ବ୍ୟକ୍ତି । ମୋର ପବିତ୍ର ପୁସ୍ତକ କୋରାନ୍ ମଜିଦ୍ କହୁଛି ଯେ ଏହା ଏକ ଖରାପ କାର୍ଯ୍ୟ ଅଟେ । ଏପରିକି ବାଇବେଲ୍ ମଧ୍ୟ ଲୁତ୍‌ର କୌମ୍‌ର ଅବସ୍ଥା ବର୍ଣ୍ଣନା କରିଛି । ଏବଂ ପବିତ୍ର କୋରାନ୍‌ର ମୁକାବିଲାରେ ଅଧିକ ବ୍ୟାଖ୍ୟା କରି ବର୍ଣ୍ଣନା କରିଛି । ତେବେ ତାହା ଏପରି କାର୍ଯ୍ୟ ଯାହାକୁ ଅଲ୍ଲାଃତାଲା ପସନ୍ଦ କରନ୍ତି ନାହିଁ । ତେବେ ତାର ପୈଗମ୍ବର୍ ଯାହାକୁ ସେ ପ୍ରେରଣ କରିଛନ୍ତି ଏବଂ ତାର ପବିତ୍ର ପୁସ୍ତକରେ ମଧ୍ୟ ତାକୁ ପସନ୍ଦ କରାଯାଇନାହିଁ । ତେବେ ପୁଣି ଧାର୍ମିକ ଲୋକ ହୋଇଥିବାରୁ ମୁଁ ତାକୁ କିପରି ପସନ୍ଦ କରିପାରିବି । କିନ୍ତୁ ଏହା ସହିତ ମୁଁ ଏହା କହୁନାହିଁ ଯେ ସେମାନଙ୍କ ସହିତ ଖରାପ ବ୍ୟବହାର କରାଯାଉ ।

ଜର୍ନାଲିଷ୍ଟ୍ ଜଣକ ପ୍ରଶ୍ନ କଲେ ଯେ ପ୍ରିୟ ହଜୁର୍ ଏଠି ଜର୍ମାନୀରେ ମୁସଲମାନଙ୍କ ଦୁଇଟି ମସଜିଦ୍ ଏପରି ଅଛି ଯିଏ ନିଜକୁ ଲିବରେଲ୍ କହୁଛନ୍ତି । ସେଥିରେ ପୁରୁଷ ଓ ମହିଳା ମାନେ ଏକତ୍ର ନମାଜ ପାଠ କରୁଛନ୍ତି ଏବଂ ସେମାନେ ସମଲିଙ୍ଗୀଙ୍କୁ ମଧ୍ୟ ଜାଏଜ୍ ବୋଲି ଭାବୁଛନ୍ତି । ଏହା କଣ ଏକପ୍ରକାର ପଥଭ୍ରଷ୍ଟତା ନୁହେଁ?

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଦେଖନ୍ତୁ ଯେଉଁଠି କାନ୍ଧରେ କାନ୍ଧ ମିଳାଇ ପୁରୁଷ ଓ ସ୍ତ୍ରୀ ମାନେ ନମାଜ ପଢୁଛନ୍ତି ଏହା ଭୁଲ ଅଟେ । ପୁରୁଷ ଓ ସ୍ତ୍ରୀ ମାନେ ଆଁ ହଜରତ୍ ସ:ଆ:ସ ଙ୍କ ସମୟରେ ଗୋଟିଏ ହଲ୍‌ରେ ନମାଜ ପଢୁଥିଲେ । କିନ୍ତୁ ଏପରି ପଢୁଥିଲେ ଯେ ପୁରୁଷମାନେ ଆଗରେ ଛିଡ଼ା ହୋଇଥଲେ ଏବଂ ସ୍ତ୍ରୀ ମାନେ ତାଙ୍କ ପଛରେ ଛିଡ଼ା ହୋଇଥିଲେ । ଏପରି କରିବାରେ ଏକପ୍ରକାର ବିଜ୍ଞତା ଅଛି । ଯଦି ମୁଁ ଏହା ବର୍ଣ୍ଣନା କରିବି ତେବେ ବହୁତ ସମୟ ଲାଗିଯିବ । ଏବଂ ଯେଉଁ ସମୟ ଏହି ପ୍ରେସ୍ କନ୍‌ଫରେନ୍ସ ନିମନ୍ତେ ଧାର୍ଯ୍ୟ କରାଯାଇଛି ତାହା କମ୍ ହୋଇଯିବ । ତେବେ ଯାହାହେଉ ଏହା ଠିକ୍ ନୁହେଁ କିନ୍ତୁ ଗୋଟିଏ ଗୃହ ଭିତରେ ସେମାନେ ନମାଜ ପାଠ କରିପାରିବେ । ମୋର ମନେଅଛି ଯେ ୟୁ.କେ ରେ ଜଣେ ରାଜନୀତିଜ୍ଞ ମିଳିଥିଲେ ଯିଏ ଗୋଟିଏ ପାର୍ଟୀର ଲିଡର ମଧ୍ୟ ଅଟନ୍ତି ସେ ମହାଶୟ ମୋତେ ଏପରି ପ୍ରଶ୍ନ କରିଥିଲେ ମୁଁ ତାକ ମଧ୍ୟ ସେହି ଉତର ଦେଇଥିଲି ଏହା ଆଁ ହଜ୍‌ରତ୍ ଙ୍କ ଯୁଗରେ ହୋଇସାରିଛି କିନ୍ତୁ ଏବେ ମହିଳାମାନଙ୍କ ଆରାମ୍ ପାଇଁ ସେ ନିଜେ ଅଲଗା ହଲ୍ ବା ଅଲଗା ଗୃହରେ ଅଧିକ ସହଜତା ଅନୁଭବ କରୁଛନ୍ତି । ଏବଂ ଅଧିକା ସ୍ୱାଧୀନତାର ସହିତ ନିଜର ବୁର୍କାକୁ ବାହାର କରି ଉପାସନା କରିପାରିବେ । ନଚେତ୍ ସେମାନଙ୍କୁ ବୁର୍କା ଏବଂ ପର୍ଦ୍ଦା କରିବାକୁ ପଡ଼ିଥାଏ । ପୁରୁଷମାନଙ୍କ ସହିତ ନମାଜ ପଢ଼ିବା ପାଇଁ ତାଙ୍କୁ ବହୁତ କଷ୍ଟ ହୋଇଥାଏ । ଦ୍ୱିତୀୟତଃ ଯେଉଁଠି ସମଲିଙ୍ଗୀମାନଙ୍କୁ ମସଜିଦ୍ ଆସିବା ସମ୍ପର୍କ ସମ୍ବନ୍ଧ ଅଛି ଯଦି କୌଣସି ମୁସଲ୍‌ମାନ ସମଲିଙ୍ଗୀ ମସଜିଦ୍‌ରେ ଆସି ନମାଜ ପଢ଼ିବାକୁ ଚାହେଁ ଏବଂ ନିଜ ପାପଗୁଡ଼ିକ ନିମନ୍ତେ କ୍ଷମା ମାଗିବାକୁ ଚାହେଁ ତେବେ ତାକୁ ଆମେ ରୋକିବା ଉଚିତ୍ ହେବନାହିଁ ଏବଂ ନା ଆମେତାକୁ ରୋକିପାରିବା । ଆମେ ଜାଣିନାହୁଁ ଯେ ଆମ ମସ୍‌ଜିଦ୍‌ରେ କେତେ ସମଲିଙ୍ଗୀ ଆସୁଛନ୍ତି । କେହି ମଧ୍ୟ ଏ ଏଲାନ୍ କରନାହିଁ ଯେ ମୁଁ ସମଲିଙ୍ଗୀ ଅଟେ ବୋଲି । ଏବଂ ଯଦି କେହି ଏପରି ଏଲାନ୍ ମଧ୍ୟ କରିଦିଏ ତେବେ ମଧ୍ୟ ଆମେ ତାକୁ ରୋକିପାରିବୁ ନାହିଁ । ଯଦି ସେ ନମାଜ ପଢ଼ିବାକୁ ଚାହୁଁଛି ତେବେ ସେ ଆସୁ ।

ଜର୍ନାଲିଷ୍ଟ୍ ଜଣକ ପୁଣି ପ୍ରଶ୍ନ କଲେ ଯେ ଯଦି କୌଣସି ମୁସଲ୍‌ମାନ୍ ଏପରି (ଲିବରେଲ) ଙ୍କ ମସଜିଦ୍‌କୁ ଯାଉଥାଏ ତେବେ କଣ ତାକୁ ଆପଣମାନେ ମୁସଲ୍‌ମାନେ ଭାବିବେ ବା ମୃତଦ୍ ବା କାଫିର୍ ଭାବିବେ ? ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆମେ କାହାକୁ ସେପର୍ଯ୍ୟନ୍ତ ମୃତଦ୍ କହିପାରିବୁ ନାହିଁ ଯେପର୍ଯ୍ୟନ୍ତ ସେ ସେହି ଧର୍ମରୁ ନିଜେ ସମ୍ପର୍କ ତୁଟାଇ ନଦେଇଛି । ଆପଣ ତାକୁ ଏମିତି କିପରି କହିପାରିବେ ଯଦି ସେ ନିଜକୁ ମୁସଲ୍‌ମାନ୍ ବୋଲାଉଛି । ପୈଗମ୍ବର୍ ସ:ଆ:ସ କହୁଛନ୍ତି ଯେ ଯେଉଁବ୍ୟକ୍ତି ଲା ଇଲାହା ଇଲଲ୍ଲାହ ମୋହମ୍ମଦୁର୍ ରସୁଲୁଲ୍ଲାହି କହୁଅଛି ଏପରିକି ଯିଏ କେବଳ ଲା ଇଲାହା ଇଲଲ୍ଲାହ ମାନିନେଉଛି ଯେ ଅଲ୍ଲାଃତାଲା ଏକ ଓ ଅଦ୍ୱିତୀୟ ବୋଲି ତେବେ ଆମ୍ଭେ ତାକୁ କହିପାରିବୁ ନାହୁଁ ଯେ ତୁମେ ମୁସଲ୍‌ମାନ ନୁହେଁ ବୋଲି । ଆମେ ଅସଲରେ ଲିବ୍‌ରେଲ୍ ନୋହୁଁ ବରଂ ବାସ୍ତବରେ ଆମେ ରଢ଼ିବାଦୀ ଅଟୁ । ଆମେ ଏହି ଅସଲ ଶିକ୍ଷା ଉପରେ ଅମଲ କରୁଅଛୁ ଯାହା ପୈଗମ୍ବର୍ ସ:ଆ:ସ ଙ୍କ ଉପରେ ଅବତୀର୍ଣ୍ଣ ହୋଇଥିଲା ଏବଂ ଯାହା ଉପରେ ସେ ଅମଳ କରିଥିଲେ ଆଜିକାଲି ଯିଏ ନିଜକୁ ରଢ଼ିବାଦୀ ବୋଲି କହୁଛନ୍ତି ସେ ବାସ୍ତବରେ ରଢ଼ିବାଦୀ ନୁହଁନ୍ତି ବରଂ ଇସ୍‌ଲାମ୍‌ର ସ୍ୱଚ୍ଛ ତାଲିମ୍‌ଠାରୁ ମୁହଁ ଫେରାଇ ନେଉଛନ୍ତି ।

ଜଣେ ଜର୍ନାଲିଷ୍ଟ୍ ନିଜର ପରିଚୟ ଦେଲେ ଯେ ସେ ଇଟାଲୀରୁ ଆସିଛନ୍ତି ଏବଂ ଇଟାଲୀରେ ଇସ୍‌ଲାମ୍ ଯାହାକୁ ସନ୍ତ୍ରାସବାଦୀ ସହ ଯୋଡ଼ାଯାଇଛି ତା ଉପରେ ବହୁତ ତର୍କ ଚାଲିଛି । ବିଗତ ଦିନ ଗୁଡ଼ିକରେ ଯେଉଁ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ମଧ୍ୟ ହୋଇଛି ତେବେ ଆପଣଙ୍କ ନିକଟରେ ଜିହାଦ୍‌ର କଣ ଚିତ୍ର ଅଛି ଓ ଆପଣ ଇସ୍‌ଲାମ୍ ନାମରେ ହୋଇଥିବା ଏହି ସନ୍ତ୍ରାସବାଦୀ କାର୍ଯ୍ୟକଳାପକୁ କିପରିଭାବେ ଦେଖୁଛନ୍ତି ? ମୋର ଆଉ ଗୋଟିଏ ପ୍ରଶ୍ନ ମଧ୍ୟ ଅଛି... ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ମୁଁ ପ୍ରଥମେ ଆପଣଙ୍କର ଏହି ପ୍ରଶ୍ନର ଉତର ଦେଇଦିଏ । ପ୍ରଥମ କଥା ହେଉଛି ଏହାକଣ ଜେହାଦ୍? ଦେଖନ୍ତୁ ଇଟାଲୀ ଏବଂ ବାର୍ଷିଲୋନାରେ ହଲାକ୍ ହୋଇଥିବା ଲୋକମାନଙ୍କ ଭିତରେ ମୁସଲ୍‌ମାନ ମଧ୍ୟ ସାମିଲ୍ ଅଛନ୍ତି । ସେମାନଙ୍କ ମଧ୍ୟରୁ କିଛି ପାକିସ୍ତାନୀ ଥିଲେ, ଅଷ୍ଟ୍ରେଲିଆ, ଆଫ୍ରିକା ଏବଂ ଆମେରିକା ସହିତ ମଧ୍ୟ ସମ୍ପର୍କ ରଖୁଥିବା ଲୋକେ ଥିଲେ । ସେ ଯାହା ହେଉନା କାହିଁକି ହଲାକ୍ ହୋଇଥିବା ଲୋକମାନଙ୍କ ମଧ୍ୟରେ ମୁସଲ୍‌ମାନ୍‌ମାନେ ମଧ୍ୟ ଥିଲେ । ଏବଂ ଏହା ଜିହାଦ୍ ନୁହେଁ । ଜିହାଦ୍ କେବଳ ଏପରି ପରିସ୍ଥିତିରେ ଅନୁମତି ଦିଆଯାଏ ଯେପରିକି ମୁଁ ପ୍ରଥମରୁ ବର୍ଣ୍ଣନା କରିସାରିଛି ଯେ ଯଦି ଆପଣଙ୍କ ଉପରେ ଅଣ ମୁସଲ୍‌ମାନଙ୍କ ତରଫରୁ ହମ୍‌ଲା କରାଯିବ । ଇସ୍‌ଲାମୀ ଜିହାଦ୍ ତେବେ ହେବ ନା ଯେବେ ଇସ୍‌ଲାମ୍ ଉପରେ ହମ୍‌ଲା କରାଯିବ । ଆଜିକାଲି କୌଣସି ଏପରି ସରକାର ନାହିଁ ଯିଏ ଇସ୍‌ଲାମ୍‌କୁ ମିଟାଇବା ପାଇଁ ଚେଷ୍ଟା କରୁଥିବ ବା ଇସଲାମ୍ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହେଉଥିବ । ସେଥିଯୋଗୁଁ ଏପରି ଜେହାଦ୍ ଜେହାଦ୍ ନୁହେଁ ଏହା କେବଳ ନିରାଶ ଲୋକମାନଙ୍କ ଜରିଆରେ ନିଜର ନିନ୍ଦିତ ଲକ୍ଷ୍ୟକୁ ହାସଲ୍ କରିବାର ଜରିଆ ଅଟେ ଏବଂ ସେମାନଙ୍କ ଏପରି ନାମକୁ ମାତ୍ର ଓ୍ୱଲେମାମାନେ କଠୋରପନ୍ଥୀତା ଶିଖାଉଛନ୍ତି ଯେଉଁମାନେ ପବିତ୍ର କୋରାନର ଅସଲ ମାନି ମଧ୍ୟ ଜାଣନ୍ତି ନାହିଁ । ଆମେ ସବୁବେଳେ ଏପରି ଖରାପ କାର୍ଯ୍ୟକଳାପର ଖୋଲି କରି ନିନ୍ଦା କରିଥାଉ । ଏବଂ ତାର ପ୍ରକାଶ ମଧ୍ୟ କରିଥାଉ । ମୁଁ କେବଳ ନିଜ କମ୍ୟୁନିଟି ସମ୍ବନ୍ଧରେ ଜିମେଦାର୍ ଅଛି । ମୁଁ ଅନ୍ୟମାନଙ୍କୁ ମଜବୁର୍ କରିପାରିବି ନାହିଁ । ମୋ ମତରେ ଯେବେ କୌଣସି ଖରାପ କାର୍ଯ୍ୟର ବିରୋଧରେ ସ୍ୱର ଉତଳନ କରିବାର ମୌକା ମିଳିବ ତେବେ ଏପରି କରିବା ଉଚିତ୍ ଏବଂ ଏହା ହମ୍ ଆହଙ୍ଗୀ ଅଟେ । ହମ୍ ଆହଙ୍ଗୀ ସୃଷ୍ଟି ହୋଇପାରିବ ନାହିଁ ଯେଉଁପର୍ଯ୍ୟନ୍ତ ଆମେ ଏପରି ରଢ଼ିବାଦୀ ନହେବା । ଏପରି ଏକୀକରଣ ଅସଲ ଇଂଟିଗ୍ରେସନ୍ ଅଟେ ଏବଂ ଏହି ଦୁଇଟି ଆମଠାରୁ ଅପେକ୍ଷା କରୁଛି ଯେ ଆମେ ଏପରି କାମରେ ମିଶିଯିବା ।

ମେସିଡ଼ୋନିଆରୁ ଜଣେ ଆସିଥିବା ଜର୍ନାଲିଷ୍ଟ୍ ପଚାରିଲେ ଏପରି ଅବସରର କେତେ ଗୁରୁତ୍ୱ ଅଛି ଯେଉଁଥିରେ ଲୋକମାନେ ପ୍ରେମ ଓ ସୌହାର୍ଦ୍ଦ୍ୟର ସହିତ ନିଜ ଧର୍ମ ସମ୍ପର୍କରେ ବତାଇପାରିବେ । ଏପରି ପରିସ୍ଥିତିରେ ଯେବେ ଦୁନିଆରେ ଯୁଦ୍ଧର ଆଶଙ୍କା ବଢ଼ିଚାଲିଛି ?

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯମାତ୍ ଅହେମଦୀୟାର ପ୍ରତିଷ୍ଠାତା ଆ:ସ କହୁଛନ୍ତି ଯେ ମୁଁ ଅଲ୍ଲାଃତାଲାଙ୍କ ତରଫରୁ ଦୁଇଗୋଟି ଉଦ୍ଦେଶ୍ୟ ନେଇ ଆସିଅଛି ଏବଂ ଏହା ଇସ୍‌ଲାମୀ ଶିକ୍ଷାର ମୁତାବକ ଅଟେ ଯେ ଲୋକମାନଙ୍କୁ ନିଜ ସୃଷ୍ଟିକର୍ତାଙ୍କର ଅଧିକାର ପ୍ରଦାନ କରିବା ପ୍ରତି ଧାନ ଦେବି ଏବଂ ଦ୍ୱିତୀୟଟି ଏହା ହେଉଛି ନିଜ ସାଥିମାନଙ୍କର ଅଧିକାରକୁ ପ୍ରଦାନ କରିବା ପ୍ରତି ଧାନ ଆକର୍ଷଣ କରାଇବି । ଏଇଥିପାଇଁ ଯେ ଯଦି ଅନ୍ୟର ହକ୍‌କୁ ପ୍ରଦାନ କରିବା ପାଇଁ ଚେଷ୍ଟା କରାଯିବ ଏବଂ ଶାନ୍ତିର ସହିତ ଏ ଦୁନିଆରେ ରହିବା ପାଇଁ ଚେଷ୍ଟା କରାଯିବ ତେବେ ଏହା ପ୍ରେମ ଓ ସୌହାର୍ଦ୍ଦ୍ୟ ହେବ ଏବଂ ପ୍ରେମ ଓ ସୌହାର୍ଦ୍ଦ୍ୟ ବିନା ଆପଣମାନେ ଏପରି କରିପାରିବେ ନାହିଁ ।

ଜର୍ନାଲିଷ୍ଟ୍ ଜଣକ ପଚାରିଲେ ଯେ କଣ ଆପଣଙ୍କ କମ୍ୟୁନିଟି ଏହି ପାଶ୍ଚାତ୍ୟ ସମାଜରେ ବଢ଼ିଚାଲିଛି ?

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେଉଁଠି ଆମର ସମ୍ପର୍କ ସେଠି ଆମେ କମ୍ ତ ହେଉନାହୁଁ ବରଂ ବଢ଼ି ଚାଲିଛୁ । ଆଫ୍ରିକା, ଏସିଆ, ୟୁରୋପ, ଆରବ, ଆମେରିକାରେ ଲୋକମାନେ ବଢ଼ିଚାଲିଛନ୍ତି । କିଛି ଲୋକ ଆମ ସହିତ ଜର୍ମାନୀରେ ସାମିଲ୍ ହୋଇଛନ୍ତି ଏବଂ କିଛି ଫ୍ରାନ୍ସ, ହଲାଣ୍ଡ, ବେଲଜିୟମ୍ ଏବଂ ୟୁ.କେ ରେ ମଧ୍ୟ ସାମିଲ୍ ହେଉଛନ୍ତି । ଅଡିକମ୍‌ରେ ଆମେ ବଢ଼ିଚାଲିଛୁ । ଏହାର ଅଟକଳ ଏଠି ଆମ ଜଲ୍‌ସାରେ ଉପସ୍ଥିତିକୁ ଦେଖି କରାଯାଇପାରିବ । ପାଂଚବର୍ଷ ପୂର୍ବେ ଉପସ୍ଥିତି କେବଳ ୧୫୦୦୦ ଥିଲା ଏବଂ ଆଜି ଏଠାରେ ନମାଜ ସମୟରେ ପାଖାପାଖି ୨୩ ହଜାର୍ ଲୋକଥିଲେ ଓ ଶେଷ ଦିନ ଆହୁରି ଅଧିକ ବଢ଼ିଯିବେ । ଯଦିଚ ଏଠାରେ ଅତିଥିମାନେ ମଧ୍ୟ ସାମିଲ୍ ହୋଇଥାନ୍ତା । କିନ୍ତୁ ଏଠିକାର ଅଧିକାଂଶ ସଂଖ୍ୟା ୯୯.୯୯ ପ୍ରତିଶତ ହେଉଛନ୍ତି ଅହେମଦୀ । ସୁତରାଂ ଆମେ

ବଢ଼ିଚାଲିଛୁ ଓ ଆମର ଏହି ଲକ୍ଷ୍ୟ ଅଛି ଯେ ଆମେ ଇସ୍‌ଲାମ୍‌ର ଅସଲ ବାର୍ତ୍ତାକୁ ପ୍ରସାର କରିବୁ । ଏବଂ ଏହାକୁ ଆମେ ପ୍ରସାର କରିଚାଲିଛୁ । ଯମାତ୍ ଅହେମଦୀୟାର ପ୍ରତିଷ୍ଠାତା କହୁଛନ୍ତି ଯେ ଅଲ୍ଲାଃତାଲା ମୋତେ ଏହି ଉଦ୍ଦେଶ୍ୟ ନିମନ୍ତେ ପ୍ରେରଣ କରିଛନ୍ତି ଯେ ମୁଁ ସମଗ୍ର ସଂସାରରେ ଇସ୍‌ଲାମ୍‌ର ସତ୍ ଶିକ୍ଷାକୁ ପ୍ରସାର କରିବି ଏବଂ ଏହା ଆମର କର୍ତ୍ତବ୍ୟ ଅଟେ । ତେଣୁ ଆମେ ଏହାକୁ କରିଚାଲିଛୁ ଏବଂ ଏହି ମିଶନାରୀ କାର୍ଯ୍ୟ କରିବା ଦ୍ୱାରା ଆମ୍ଭେ ପ୍ରସାର ଲାଭ କରିଚାଲିଛୁ ଏବଂ ଆମେ ଏହାଦ୍ୱାରା ଲୋକମାନଙ୍କୁ କୌଣସି ଲାଭ ବା ଅଫର ଦେଉନାହୁଁ ଯେ ଯଦି ଆପଣମାନେ ଆମ ସହିତ ମିଶିଯିବେ ତେବେ ଆମେ ଆପଣମାନଙ୍କୁ ଅମୁକ ଜିନିଷ ଦେବୁ ବୋଲି । କେବଳ ଗୋଟିଏ ଲାଭ ଯାହା ଆମେ ସେମାନଙ୍କୁ ବତାଇଦେଉଛୁ ତାହା ହେଉଛି ଆପଣମାନେ ନିଜର ସୃଷ୍ଟିକର୍ତ୍ତା ଖୁଦାଙ୍କର ଅଧିକ ନିକଟତର ହୋଇଯାଆନ୍ତୁ । ଏବଂ ଦ୍ୱିତୀୟଟି ହେଉଛି ନିଜ ବନ୍ଧୁବାନ୍ଧବଙ୍କର ଅଧିକାରକୁ ପ୍ରଦାନ କରନ୍ତୁ ଏବଂ ଏହା ହେଉଛି ଆଜିମୋର ଖୁତ୍‌ବା ଜୁମାର ସାରାଂଶ ।

ମାସିଡ଼ୋନିଆରୁ ଆସିଥିବା ଆଉଜଣେ ଜର୍ନାଲିଷ୍ଟ ପଚାରିଲେ ଯେ ମହାମହିମ ହଜୁର ! କଣ ଆପଣ ଅନ୍ୟ ଧର୍ମମାନଙ୍କ ସହିତ ବିଶେଷ ରୂପେ ସେଇମାନଙ୍କ ସହିତ ସମ୍ପର୍କ ରଖିବା ବିଷୟରେ କିଛି ବତାଇବେ । କଣ ଆପଣ ଦୁଇଗୋଟି ଭିନ୍ନ ଭିନ୍ନ ଧର୍ମ ସହିତ ସମ୍ପର୍କ ରଖୁଥିବା ଲୋକମାନଙ୍କ ମଝିରେ ବିବାହ କରିବା ପାଇଁ ଅନୁମତି ଦେଉଛନ୍ତି ?

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେଉଁଠି ଆମ ସହିତ ସମ୍ପର୍କ ଅଛି ଆମେ ବିଶ୍ୱାସ ରଖିଛୁ ଯେ ପ୍ରତ୍ୟେକ ଧର୍ମ ଅଲ୍ଲାଃଙ୍କ ତରଫରୁ ଆସିଛି । ଅସଲ ଶିକ୍ଷା ପ୍ରତ୍ୟେକ ଧର୍ମର ସତ୍ୟତା ଉପରେ ପର୍ଯ୍ୟବେଶିତ ଥିଲା ଏବଂ ତାହା ଅଲ୍ଲାଃତାଲାଙ୍କ ତରଫରୁ ଆସିଥିଲା ଏବଂ ଏକ ଥିଲା ସେ ଇସାଇ ହୁଅନ୍ତୁ ବା ୟହୁଦୀ ହୁଅନ୍ତୁ ଆମେ ଏହା ମଧ୍ୟ ବିଶ୍ୱାସ ରଖିଛୁ ଯେ ପ୍ରତ୍ୟେକ ଦେଶ ଓ ପ୍ରତ୍ୟେକ ଜାତିରେ ଅଲ୍ଲାଃଙ୍କ ନବୀ ଆସିଛନ୍ତି । ଅଲ୍ଲାଃତାଲ ପବିତ୍ର କୋରାନ୍‌ରେ କହୁଛନ୍ତି ଯେ ଜଣେ ମୁସଲ୍‌ମାନଙ୍କୁ ସେହି ସମସ୍ତ ନବୀମାନଙ୍କ ଉପରେ ବିଶ୍ୱାସ ଆଣିବା ଉଚିତ୍ । ଆମେ ସର୍ବଦା ବଇନଲ୍ ମଜାହିବ୍ ଡାଇଲଗ୍ (ଧର୍ମ ଭିତରେ ବାର୍ତ୍ତାଳାପ) କରୁଅଛୁ । ଏପରିକି ଯମାତ୍ ଅହେମଦୀୟାର ପ୍ରତିଷ୍ଠାତା ନିଜର ଏହି ଇଚ୍ଛାକୁ ପ୍ରକାଶ କଲେ ଯେ କାଦିଆନ୍ ଭଳି ଛୋଟିଆ ଗ୍ରାମରେ ଗୋଟିଏ ହଲ୍ ନିର୍ମାଣ କରିବି ଯେଉଁଠିକି ମୁଁ ବିଭିନ୍ନ ଧର୍ମ ସହିତ ସମ୍ପର୍କ ରଖୁଥିବା ଧର୍ମଗୁରୁମାନଙ୍କୁ ଡାକିବି । ଫଳତଃ ସେମାନେ ନିଜ ଧର୍ମସମ୍ବନ୍ଧରେ କଥା ହୋଇପାରିବେ । ସୁତରାଂ ଆମେ ସେଥିଯୋଗୁଁ ଖୋଲା ମସ୍ତିଷ୍କ ରଖିଛୁ । ଆମ୍ଭେ ପ୍ରତ୍ୟେକ ବର୍ଷ ଦୁନିଆର ବିଭିନ୍ନ ଭାଗରେ ବଇନଲ୍ ମଜାହିବ୍ ସେମିନାର୍ ପ୍ରତିଷ୍ଠା କରୁଅଛୁ ।

ଜର୍ନାଲିଷ୍ଟ ଜଣକ ପଚାରିଲେ ଯେ ହଜ୍‌ରତ୍ ମସିହ୍ ନାସ୍‌ରିଙ୍କ ବିଷୟରେ ଆପଣଙ୍କର ଦୃଷ୍ଟିକୋଣ କଣ ?

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆମ୍ଭେ ବିଶ୍ୱାସ ରଖିଛୁ ଯେ ହଜ୍‌ରତ୍ ମସିହ୍ ନାସ୍‌ରି ଅଲ୍ଲାଃତାଲାଙ୍କ ନବୀଥିଲେ ଓ ଅଲ୍ଲାଃତାଲାଙ୍କର ସଚ୍ଚା ନବୀ ଥିଲେ । ଏପର୍ଯ୍ୟନ୍ତ ଯମାତ୍ ଅହେମଦିୟାର୍ ପ୍ରତିଷ୍ଠାତା କହୁଛନ୍ତି ଯେ ମୁଁ ଇସାଙ୍କ ସଦୃଶ ଆସିଅଛି । ଯେପରି ହଜ୍‌ରତ୍ ଇସା ହଜ୍‌ରତ୍ ମୁସାଙ୍କ ପରେ ଆସିଥିଲେ ଯଦ୍ୱାରା ସମସ୍ତ ୟହୁଦୀମାନଙ୍କୁ ଗୋଟିଏ ହାତରେ ଏକାଠି କରିପାରିବେ । ତେଣୁ ସେ ବହୁତ ଶାନ୍ତିପ୍ରିୟ ଏବଂ ସହାନୁଭୂତି ରଖୁଥିବା ବ୍ୟକ୍ତି ଥିଲେ । ସେହିପରି ଯମାତ୍ ଅହେମଦୀୟାର ପ୍ରତିଷ୍ଠାତା କହୁଛନ୍ତି ଯେ ମୁଁଧି ସେପରି ଅଟେ ଏବଂ ମୁଁ ହେଉଛି ମସି ମହମ୍ମଦି ଅର୍ଥାତ୍ ମହମ୍ମଦ୍‌ଙ୍କର ମସି । ଯଦିଚ ମୁଁ ମସିଲେ ଇସା ଅର୍ଥାତ୍ ଇସା ସଦୃଶ ହୋଇ ଆସିଅଛି ତେବେ ମୁଁ କିପରି ତାଙ୍କ ମହାନତାର ଖିଲାଫ କରିପାରିବି । ଏହା ହେଉଛି ଯମାତ୍ ଅହେମଦୀୟାର ପ୍ରତିଷ୍ଠାତାଙ୍କ ଦାବି ସୁତରାଂ ଏହା ହେଉଛି ଆମର ଇସାୟିଅତ୍ ବିଷୟରେ ବିଶ୍ୱାସ । ଯେଉଁଠି ପୋପ୍ ବିଷୟରେ କିଛି କୁହାଯିବ ତ ମୋ ନିକଟରେ ଇସ୍‌ଲାମୀୟ ପରିଭାଷାରେ ପୋପ୍ ହେଉଛନ୍ତି ଇସା ବା ମସି ନାସିରିଙ୍କର ଖଲିଫା । ଦେଖନ୍ତୁ ଏହା ମଧ୍ୟ ମସିହି ନାସିରିଙ୍କ ଅନୁଯାୟୀଙ୍କ ସିଲ୍‌ସିଲା କ୍ୟାଥୋଲିକ୍‌ସ୍ ମାନେ ଏହି ବିଶ୍ୱାସ ରଖିଛନ୍ତି । ତାଙ୍କ ନିକଟରେ ଏହି ନିଆବତ୍‌କୁ ଆମେ ଖିଲାଫତ୍ କହୁଛୁ ।

ଜଣେ ଜର୍ନାଲିଷ୍ଟ ହଜୁର୍‌ଙ୍କୁ ସଲାମ କହିଲେ ଏବଂ ପଚାରିଲେ ଯେ ଆପଣ ଦୁନିଆକୁ ତୃତୀୟ ବିଶ୍ୱଯୁଦ୍ଧ ସମ୍ପର୍କରେ ବହୁଦିନରୁ ଚେତାବନୀ ଦେଇଆସୁଛନ୍ତି । ଆପଣ ଆମକୁ କୁହନ୍ତୁ ଯେ ମୁସଲ୍‌ମାନ ଦେଶଗୁଡିକ ଏହି ଯୁଦ୍ଧ ନିମନ୍ତେ କେତେ ଜିମେଦାର୍ ଅଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ମୁସଲ୍‌ମାନ ଦେଶଗୁଡିକ ତ ଜିମେଦାର୍ ଅଟନ୍ତି କାରଣ ସେମାନେ ହିଁ କାରଣ ହେଉଛନ୍ତି ଏବଂ ଅନ୍ୟଭାଷାରେ କହିବାକୁ ଗଲେ ସେଠାରେ ଯୁଦ୍ଧ ଆରମ୍ଭ ହୋଇସାରିଛି । (ଏହି ପ୍ରଶ୍ନ ଯେହେତୁ ଉର୍ଦ୍ଦୁ ଭାଷାରେ ଥିଲା ଏହାକୁ ଉର୍ଦ୍ଦୁରେ ଉତର ଦେବା ପରେ ହଜୁର୍ ଅ:ବ:ଅ ଇଂରାଜୀରେ ମଧ୍ୟ ଅନ୍ୟମାନଙ୍କ ପାଇଁ ଉତର ଦେଲେ ।)

ଏହି ପ୍ରେସ୍ କନ୍‌ଫରେନ୍‌ସ ଚାରିଟା ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ନିଜର ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ । ଉପରବେଳା ମଧ୍ୟ ହଜୁର୍ ଦଫ୍‌ତରି କାର୍ଯ୍ୟରେ ଲିପ୍ତ ରହିଲେ । ହଜୁର୍ ଅନୁୱର୍ ଅ:ବ:ଅ ପ୍ରୋଗ୍ରାମ୍ ମୁତାବକ ଠିକ୍ ୯ ଟାରେ ପୁରୁଷ ଜଲ୍‌ସାଗାଃ କୁ ଆସି ନମାଜ, ମଗରିବ୍ ଏକାଠି ପଢ଼ାଇଲେ । ତା ପରେ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ତା-୨୬ ଅଗଷ୍ଟ ୨୦୧୭**

ହଜୁର୍ ଅନୁୱର୍ ଅ:ବ:ଅ ପ୍ରତ୍ୟୁଷ ୫:୩୦ ରେ ପୁରୁଷ ମାନଙ୍କ ଜଲ୍‌ସାଗାଃରେ ଆସି ନମାଜ ଫଜର୍ ପଢ଼ାଇଲେ । ନମାଜ ପରେ ହଜୁର୍ ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ । ସକାଳେ ହଜୁର୍ ଡାକ ଦେଖିଲେ ଏବଂ ବିଭିନ୍ନ ପ୍ରକାର ଦଫ୍‌ତରି କାର୍ଯ୍ୟ ଗୁଡିକୁ ସମ୍ପାଦନ କରିବା ପାଇଁ ଲିପ୍ତ ରହିଲେ ।

ଆଜି ପ୍ରୋଗ୍ରାମ୍ ମୁତାବକ ଲଜନା ଜଲ୍‌ସାଗାଃରେ ଲଜନା ନାମକ ଜଲ୍‌ସାକୁ ସମ୍ବୋଧନ କରିବାର ଥିଲା । ଆଜି ଲଜନା ର ଜଲ୍‌ସାଗାଃରେ ସକାଳ ଇଜ୍‌ଲାସ୍‌ର ଆରମ୍ଭ ଠିକ୍ ଦଶଟା ବେଳେ ହଜ୍‌ରତ୍ ବେଗମ୍ ସାହିବା ମ:ଜ ଙ୍କ ସଭାପତିତ୍ୱରେ ହେଲା । ଯାହା ୧୧:୩୦ ପର୍ଯ୍ୟନ୍ତ ଜାରି ରହିଲା । ଏହି ସେଶନ୍‌ରେ ତିଲାୱତ୍ କୋରାନ୍ କରିମ୍ ଏବଂ ଏହାର ଉର୍ଦ୍ଦୁ ଅନୁବାଦ ଓ ଉର୍ଦ୍ଦୁ ନଜମ୍ ଏବଂ ଆରବୀ କସିଦା ବ୍ୟତୀତ ତିନୋଟି ତକ୍‌ରିର୍ ହେଲା ।

ପ୍ରୋଗ୍ରାମ୍ ମୁତାବକ ଦିବା ୧୨:୦୦ ରେ ହଜୁର୍ ଅନୁୱର୍ ଅ:ବ:ଅ ଜଲ୍‌ସାଗାଃକୁ ଆସିଲେ । ନାଜିମା ଆଲା ଏବଂ ନ୍ୟାସିନାଲ୍ ସଦର ଲଜନା ଇମାଉଲ୍ଲାଃ ଜର୍ମାନୀ ନିଜର ନାଏବ୍ ନାଜିମାତ୍ ଆଲାଙ୍କ ସହିତ ହଜୁର୍ ଅନୁୱର୍‌ଙ୍କୁ ସ୍ୱାଗତ କଲେ ଏବଂ ମହିଳାମାନେ ଉତ୍ସାହିତ ହୋଇ ନାରା ଲଗାଇଲେ ଏବଂ ନିଜର ପ୍ରିୟ ଆକାଙ୍କୁ ସ୍ୱାଗତ ଜଣାଇଲେ । ଲଜନା ମାନଙ୍କ ଏହି ଇଜଲାସ୍‌ର ଆରମ୍ଭ ପବିତ କୋରାନ୍ ପାଠ ସହିତ ହେଲା ଯାହାକୁ ଅଜିଜା ଦୂର୍‌ରେ ଅଜମ୍ ହୋଏଶ୍ ସାହିବା ପାଠ କଲେ ଏବଂ ଏହାର ଉର୍ଦ୍ଦୁ ଅନୁବାଦ ଫଉଜିଆ ବୁଶ୍‌ରା ସାହେବ ଉପସ୍ଥାପନ କଲେ । ଏହାପରେ ଅଜିଜା ଅନିକା ଶାକିର୍ ବାଜୁଅ ସାହିବ ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ଙ୍କ ମନ୍‌ଜୁମ୍ କଲାମ୍ ଅହ୍‌ଦେ ଶିକିନ୍ ନାକରୋ ଅହେଲେ ୱଫା ହୋଯାଓ ଭିତରୁ ନିର୍ବାଚିତ ପଂକ୍ତି କୁ ବହୁ ସୁନ୍ଦର ସ୍ୱରରେ ପଢ଼ି ଶୁଣାଇଲେ । ଏହାପରେ ପ୍ରୋଗ୍ରାମ୍ ମୁତାବକ ହଜୁର୍ ଅନୁୱର୍ ଅ:ବ:ଅ ଶିକ୍ଷା କ୍ଷେତ୍ରରେ ସଫଳତା ହାସଲ କରିଥିବା ୪୬ ଜଣ ଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କଲେ ଏବଂ ହଜ୍‌ରତ୍ ବେଗମ୍ ସାହିବା ମ:ଜ ସେହି ଶିକ୍ଷାର୍ଥୀମାନଙ୍କୁ ମେଡାଲ୍ ପିନ୍ଧାଇଲେ । ତାଲିମି ଆୱାର୍ଡ୍ ହାସଲ୍ କରିଥିବା ସେହି ସୌଭାଗ୍ୟବତି ଶିକ୍ଷାର୍ଥୀମାନଙ୍କର ନାମ ନିମ୍ନରେ ଦିଆଗଲା ।

ନାଏଲା ଇଫତେଖାର୍ ସାହିବା
**Ph.D in Human Medicine**

ଆଫିଆ ଅନୱ୍ୱର୍ ସାହିବା
**State Examination in Pharmacy**

ଜୁହା ଇସ୍‌ଲାମ୍ ସାହିବା
**State Examination in Human Medicine**

ରାହାତୁଲ୍ ଅଏନ୍ ଖାଲିଦ୍ ମେହ୍‌ମୁଦ୍ ସାହିବା
**State Examination in Dentistry**

ଫାଏଜା ସୟଦ୍ ଅହେମଦ୍ ସାହିବା
**1st State Examination in teaching**

ସାଦିଆ ସୟଦ୍ ଅହେମଦ୍ ସାହିବା
**State Examination in teaching**

ହିବତୁଲ୍ ହଇ ସୟଦା ଗଫୁର୍ ସାହିବା
**State Examination in Dentistry**

ଓରୁଜ ମଲକ୍ ସାହିବା
**1st State Examination in teaching**

ନୁରେଇନ୍ ମାହିରା ସାହିବା
**Master of Science in Medical informatics**

ଶାଜିଆ ନୁର୍ ଚୌଧୁରୀ ସାହିବା
**Master of Education in german and geography at gymnasium/ lehrant**

ଅନା ଅଲୱି ସାହିବା
**Master of Arts in Religious Science**

ଶାଜିଆ ଖାନ୍ ସାହିବା
**Master of Science in Environmental protection**

ଗଜାଲା ଅହେମଦ୍ ସାହିବା
**Master of education in economics and germany**

ଲୌରା ମୋଲିନା ଜେଇଟୁ ସାହିବା
**Master of Arts in governance and public policy**

ଫରହ ଜେବ୍ ତହିର୍ ସାହେବା
**Master of media computer science informatics**

ରିହାନା ଫାରୁକ୍ ସାହିବା
**Master of Arts in International Marketing**

ସବା ନାଶିର ସାହିବା
**Master of Scicence in Bio-informatics and system biology**

ସମୀରା ସାଦ୍ ସାହିବା
**Bachelor of Arts in ethnologhy**

ହିରା ରହେମାନ୍ ବଟ୍ ସାହିବା
**Bachelor of Science in business informatics**

ସବିହା ବିଶାରତ୍ ସାହିବା
**Master of Arts in Religious**

**Studies**

ନୁରେନ୍ ଅହେମଦ୍ ସାହିବା

**Bachelor of Arts in Calture studies**

ଓ୍ୱରୁଷା ଅହେମଦ୍ ସାହିବା

**Bachelor of Science in International Business Information system**

ନବୀଲା ବୁଶୁରା ସାହିବା

**Bachelor of Arts in Social work**

ଫରହ୍ ଶବିର୍ ସାହିବା

**Bachelor of Arts in Social work**

ମନ୍ସୁରା ଏହ୍ସାନୁଲ୍ଲାଃ ସାହିବା

**Bachelor of Arts in nursing and Health promotion**

ଶୁମାଇଲା ମୋଜୋଫର୍ ଖାନ୍ ସାହିବା

**Bachelor of sciene in psychology**

ମାଏମା ଅହେମଦ୍ ସାହିବା

**Bachelor of Arts in Social work**

ନାଦିଆ ଚୌଧୁରୀ ସାହିବା

**Bachelor of Arts in Engligh/ Pedagogy**

ଅନିଲା ସଜାଦ୍ ସାହିବା

**Bachelor of Arts in Islamic studies**

ତାହେରା ଭଟି ସାହିବା

**Bachelor of Arts in teaching**

ବାରିଆ କମର୍ ଅସ୍ଲମ୍ ସାହିବା

**Bachelor of Arts in Extra curricular education**

ନୋମାନ୍ କମର୍ ସାହିବା

**Bachelor of Arts in time based media**

ମୁନିରା ଖାନ୍ ସାହିବା

**A-Level (abitur)**

ତୂବା ଅହେମଦ୍ ଦୁରଆନି ସାହିବା

**A-Level (abitur)**

ବରିଆ ହିନା କମର୍ ସାହିବା

**A-Level (abitur)**

ଇଫରା ଇକ୍ବାଲ୍ ସାହିବା

**A-Level (abitur)**

ସଲ୍ମା ମନଓ୍ୱର୍ ଅହେମଦ୍ ସାହିବା

**A-Level (abitur)**

ଡକ୍ଟର୍ ସଲମା ବଟ୍ ସାହିବା

**Ph.D in breast cancer**

ନିଦା ରିୟାଜ୍ ସାହିବା

**Master of Science in Electrical Engineering**

ସାଦିଆ ମେହ୍ମୁଦ୍ ସାହିବା

**Master of Science in Chemistry**

ଶମାଇଲା ମଦ୍ହତ୍ ବାସିତ୍ ସାହିବା

**Master of Science in Medicine and clinical research**

ତାହିରା ମୋବୋଶିର୍ ସାହିବା

**Master of Science in Industrial and organizational physology**

ସମିନା ଜାଓ୍ୱେଦ୍ ସାହିବା

**High School Diploma**

ଅରୁଶା ଜାହିଦ୍ ଭଟି ସାହିବା

**BBIT (Hon's)**

ଅମତୁଲ୍ ଓ୍ୱଦୁଦ୍ ବୁଶୁରା ସାହିବା

**Master of Science in Zoology and fisheries**

ସାରା ଅବ୍ଦୁଲ୍ ସତାର୍ ଅହେମଦ୍ ସାହିବା

**Master of Science in Organic Chemistry from bagdad**

ପୁରସ୍କାର ବିତରଣୀ ଉତ୍ସବ ପରେ ଠିକ୍ ୧୨:୨୮ ମିନିଟ୍‌ରେ ହଜୁର୍ ଅନୱ୍ୱର୍ ଅ:ବ:ଅ ଅଭିଭାଷଣ ପ୍ରଦାନ କଲେ ।

**ହଜୁର୍ ଅନୱ୍ୱର୍ ଅ:ବ:ଅ ଙ୍କ ଅଭିଭାଷଣ**

ତଶହୁଦ୍, ତଉଜ ଏବଂ ସୁରା ଫାତେହାର୍ ତିଲାଓ୍ୱତ୍ ପରେ ହଜୁର୍ ଅନୱ୍ୱର୍ ଅ:ବ:ଅ କହିଲେ ଆଜିକାଲି କିଛି ମୁସଲମାନ ମାନଙ୍କର ଅମଳ ଇସ୍ଲାମକୁ ଏପରି ଉପସ୍ଥାପନ କରୁଛି ଯେ ଯାହାଦ୍ୱାରା ଅଣ ମୁସ୍ଲିମ୍ ଦୁନିଆର ଲୋକମାନଙ୍କୁ ଇସ୍ଲାମ୍ ଉପର ଅଭିଯୋଗ କରିବାର ଅବସର ମିଳିଯାଉଛି ଏବଂ ଯେଉଁ ଧର୍ମ ବିରୋଧି ଶକ୍ତି ଅଛନ୍ତି ସେମାନେ ଆହୁରି ଆଗକୁ ବଢ଼ି ଇସ୍ଲାହ ଉପରେ ହମ୍ଲା କରୁଛନ୍ତି । କେଉଁଠାରେ କଠୋରପନ୍ଥୀ ଅତ୍ୟାଚାରୀ ଧର୍ମ ବୋଲାଇ ଇସ୍ଲାମ୍‌କୁ ବଦନାମ କରାଯାଉଛି ତ କେଉଁଠାରେ ମାନବିକ ଅଧିକାରକୁ ଛିନ୍ନ କରିବା ସମ୍ବନ୍ଧରେ ଇସ୍ଲାମ୍‌କୁ ବଦ୍‌ନାମ୍ କରାଯାଉଛି । କେଉଁଠି ସ୍ତ୍ରୀ ମାନଙ୍କର ଅଧିକାରକୁ ପ୍ରଦାନ ନ କରିବାର ନାମ ଦେଇ ଇସ୍ଲାମ୍‌ର ଶିକ୍ଷା ଉପରେ ଆରୋପ ଲଗାଯାଉଛି । ଏବଂ ବହୁତ ଭଳି ଭଳି ଉପାୟରେ ମୁସଲ୍‌ମାନ୍ ମହିଳାମାନଙ୍କ ଭାବନାକୁ ଉଦ୍ରେକ କରାଯାଉଛି ଯେ ଦେଖ ତୁମକୁ ଘରର ଚାରିକାନ୍ଥ ଭିତରେ ଆବଦ୍ଧ କରି ବା ପର୍ଦ୍ଦା କରିବାକୁ କହି ତୁମର ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରାଯାଉଛି । ଫଳତଃ ଯେଉଁମାନଙ୍କର ଧର୍ମ ସମ୍ବନ୍ଧରେ କିଛି ଜ୍ଞାନ ନାହିଁ ବା ଅଧିକ କିଛି ଜାଣିନାହାଁନ୍ତି ସେମାନେ ଭାବୁଛନ୍ତି ଯେ ବାସ୍ତବରେ ଆମର ଅଧିକାର ଆମକୁ ଦିଆଯାଉନାହିଁ । ଏହା ପୁଣି ଏପରି ହେଉଛି ଯେ ପ୍ରତିକ୍ରିୟା ସ୍ୱରୂପ ସ୍ତ୍ରୀ ମାନଙ୍କ ଭିତରେ କଠୋରପନ୍ଥୀର ଭାବ ଆସିଯାଇଅଛି । ଓ କିଛି ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ସେମାନେ ହାତବାରିସି ହୋଇଯାଇଛନ୍ତି ।

ହଜୁର୍ ଅନୱ୍ୱର୍ ଅ:ବ:ଅ କହିଲେ ଅହେମଦୀ ମହିଳାମାନଙ୍କ ଉପରେ ଅଲ୍ଲାଃତାଲାଙ୍କର କୃପା ଯେ ସେମାନଙ୍କୁ ହଜରତ୍ ମସିହ୍ ମଉଦ୍ ଆ:ସ ଙ୍କୁ ମାନିବା ପାଇଁ ସୌଭାଗ୍ୟ ପ୍ରାପ୍ତ ହୋଇଛି । ଯିଏ ଇସ୍ଲାମ୍‌ର ପ୍ରକୃତ ଶିକ୍ଷାକୁ ଆମ ସମ୍ମୁଖରେ ଉପସ୍ଥାପନ କରିଯାଇଛନ୍ତି । କୋରାନ୍ ଏବଂ ହଦିସ୍ ମଧ୍ୟରୁ ବ୍ୟାଖ୍ୟା ହେଉଥିବାବିଷୟକୁ ଖୋଲି କରି ବର୍ଣ୍ଣା କରିଛନ୍ତି ଏବଂ ବତାଇଛନ୍ତି ଯେ ଇସ୍ଲାମ୍ ମିଆନାରଓ୍ୱି (ମଧ୍ୟମ) ଧରଣର ଧର୍ମ ଅଟେ । ଏବଂ ଏପରି ଧର୍ମ ଅଟେ ଯାହା ହେଉଛି ପ୍ରକୃତିର ଧର୍ମ ତାହା ପ୍ରକୃତି ମୁତାବକ ଓ ଇସ୍ଲାମ୍‌ର ପ୍ରତ୍ୟେକ ହୁକୁମ୍ ନିଜ ଭିତରେ ହିକ୍‌ମତ୍ (ବିଜ୍ଞତା) ରଖିଛି । ଇସ୍ଲାମ୍ ଯେଉଁଠି ପୁରୁଷମାନଙ୍କ ଅଧିକାର ବିଷୟରେ କଥା କହିଥାଏ ସେଠାରେ ମହିଳାମାନଙ୍କ ଅଧିକାରକୁ ଉପସ୍ଥାପନ କରିଥାଏ । ଇସ୍ଲାମ୍ ଯଦି ପୁରୁଷମାନଙ୍କୁ ସେମାନଙ୍କ ପୁଣ୍ୟକର୍ମ ନିମନ୍ତ ପୁରସ୍କାର ଏବଂ ଅଲ୍ଲାଃତାଲାଙ୍କ ସାନିଧ ହାସଲ୍ କରିବାର ସୁସମାଚାର ଦେଇଥାଏ ସେହିପରି ସ୍ତ୍ରୀ ମାନଙ୍କୁ ମଧ୍ୟ ସେମାନଙ୍କ ପୁଣ୍ୟ କର୍ମ ଯୋଗୁଁ ସେମାନଙ୍କୁ ପୁରସ୍କାର ଓ ଅଲ୍ଲାଃଙ୍କ ସାନିଧ ହାସଲ୍ କରିବା ପାଇଁ ସୁସମାଚାର ଦେଇଥାଏ ।

ହଜୁର୍ ଅନୱ୍ୱର୍ ଅ:ବ:ଅ କହିଲେ ଯେ ସୁତାରାଂ ଯିଏ କହୁଛି କି ଇସ୍ଲାମ୍ ପୁରୁଷଙ୍କୁ ସ୍ତ୍ରୀ ମାନଙ୍କ ଉପରେ ଅଗ୍ରାଧିକାର ଦେଇଛି ବୋଲି ସେ ଭୁଲ୍ କହୁଛି । ଇସ୍ଲାମ୍ କହୁଛି ଯେ ଘରର ଖର୍ଚ୍ଚ ତୁଲାଇବା ପାଇ ଓ ପିଲାମାନଙ୍କର ଖାଦ୍ୟ ଓ ପୋଷାକ ପତ୍ର ଯୋଗାଇବା, ସେମାନଙ୍କର ଆବଶ୍ୟକତାକୁ ପୁରଣ କରିବା ପୁରୁଷମାନଙ୍କର କାର୍ଯ୍ୟ ଅଟେ । ଏବଂ ଏହା ତାର କଓ୍ୱାମ (ଶକ୍ତିଶାଳୀ) ହେବାର ଚିହ୍ନ ମଧ୍ୟ ଅଟେ । ପୁରୁଷଙ୍କୁ ଶକ୍ତିଶାଳୀ ହେବା ସ୍ତ୍ରୀ ମାନଙ୍କ ଉପରେ ରୋବ୍ ପକାଇବା ଏବଂ ତାଙ୍କ ଉପରେ କଠୋରତା ପ୍ରଦର୍ଶନ କରିବା ଉଚିତ୍ ନୁହେଁ । ଯଦି ମହିଳାମାନେ କାମ କରୁଛନ୍ତି- ଡକ୍ଟର୍ ବା ଟିଚର୍ କୌଣସି କାମ କରୁଥାଉ ନା କାହିଁକି ଏବଂ ତା ସ୍ୱାମୀଙ୍କର ଇଛା ତା କାର୍ଯ୍ୟକରିବାରେ ସାମିଲ୍ ହୋଇଥାଏ ତେବେ ସ୍ତ୍ରୀ ମାନଙ୍କର ରୋଜଗାର ଉପରେ ପୁରୁଷଙ୍କର କୌଣସି ଅଧିକାର ନାହିଁ । ପୁରୁଷକୁ ନିଜ ଘର ଖର୍ଚ୍ଚ ତୁଲାଇବାକୁ ହେବ । ସେ ଏହାର ଜିମେଦାର ଅଟେ । ସ୍ତ୍ରୀ ମାନଙ୍କର ଆବଶ୍ୟକତାକୁ ପୁରା କରିବା ଜିମେଦାର ଅଟେ । ଏବଂ ପିଲାମାନଙ୍କ ଆବଶ୍ୟକତାକୁ ପୁରା କରିବା ହେଉଛି ତାର ଜିମେଦାରୀ । ତାର ସ୍ତ୍ରୀ କା କରୁଥାଉ କି ନକରୁ । ପୁରୁଷ ସ୍ତ୍ରୀ ୁ ଏପରି କହିପାରିବ ନାହିଁ ଯେ ତୁମେ ଯେହେତୁ ରୋଜଗାର କରୁଛି ସେଥିଯୋଗୁଁ ଘରର ଅଧା ଖର୍ଚ୍ଚ ତୁମକୁ ତୁଲାଇବାକୁ ହେବ । ସ୍ତ୍ରୀ ଯଦିଚ ନିଜ ଇଛାରେ ଘର ଖର୍ଚ୍ଚ କରୁଥାଏ ତେବେ ଏହା ପୁରୁଷଙ୍କ ଉପରେ ତାଙ୍କର ଦୟା । ନଚେତ୍ ସେ ଘର ଖର୍ଚ୍ଚ ତୁଲାଇବା ପାଇଁ କୌଣସି ପ୍ରକାର ପାବନ୍ଦ ନୁହେଁ ।

ହଜୁର୍ ଅନୱ୍ୱର୍ ଅ:ବ:ଅ କହିଲେ ସ୍ତ୍ରୀ ପିଲାଙ୍କର କପଡ଼ା, ଖାଇବା ପିଇବା ରହିବାର ବ୍ୟବସ୍ଥା ଏବଂ ଅନ୍ୟ ଆବଶ୍ୟକତାକୁ ପୁରଣ କରିବା ପୁରୁଷ ବା ସ୍ୱାମୀଙ୍କର କାର୍ଯ୍ୟ ଅଟେ । ହଁ ଇସ୍ଲାମ୍ ସ୍ତ୍ରୀ କୁ ଏହା କହୁଛି ଯେ ଯଦି ପୁରୁଷଙ୍କର ଉପରେ ଜାୟିତ୍ୱ ଅଛି ଯେ ସବୁପ୍ରକାର ଆବଶ୍ୟକତାକୁ ସେ ଧ୍ୟାନ ଦେବ ବୋଲି ତେବେ ପୁଣି ସ୍ତ୍ରୀ ମାନଙ୍କୁ ନିଜର ପ୍ରଥମ କାର୍ଯ୍ୟ ଏପରି କରିବା ଉଚିତ୍ ଯେ ସେ ନିଜର ଘରର ଦେଖାଶୁଣା କରିବେ ଓ ପିଲାମାନଙ୍କର ତର୍‌ବିୟତ୍‌ପ୍ରତି ଧ୍ୟାନ ରଖିବେ । ଯଦି କୌଣସି ବ୍ୟକ୍ତି ସେ ପୁରୁଷ ହେଉ ବା ମହିଳା କୌଣସି ଧନ୍ଦାମୂଳକ କାର୍ଯ୍ୟ ହାସଲ୍ କରେ ଯେପରି ଡକ୍ଟର୍, ଇଞ୍ଜିନିୟର୍ ବା ଟିଚର୍ ତାଙ୍କର ଇଛା ଏପରି ହୁଏ ଯେ ଏହି ପେଶାରେ କାମ କରିବେ ଫଳତଃ ଏଥିରେ ଆଉ ଅଧିକ ହାସଲ୍ ହବ ଏବଂ ନିଜର ପ୍ରବିଣତାକୁ ନିଖାରିବାକୁ ହେବ । ଆମେ ଏହା କହିପାରିବା ନାହିଁ ଯେ ମହିଳମାନଙ୍କର ଇଛା ଶିକ୍ଷା ହାସଲ୍ କରିବା ପରେ ନିଜ ପେଶାରେ ପ୍ରବିଣତା ହାସଲ୍ କରିବା ଦେଖାଇବା ହୁଏନାହିଁ । ତାହା କେବଳ ପୁରଷଙ୍କର ହୋଇଥାଏ କିନ୍ତୁ ଏହି ଇଛା ହେବା ସତ୍ୱେ ମଧ୍ୟ ବହୁତ ଅହେମଦୀ ମହିଳାମାନଙ୍କୁ ମୁଁ ଜାଣିଛି ଯେଉଁମାନେ ଡାକ୍ତର୍ ହୋଇ ନିଜ ଫିଲ୍ଡ୍‌ରେ ସ୍ପେସାଲାଇଜେସନ୍ ମଧ୍ୟ କରିଛନ୍ତି କିନ୍ତୁ ବିବାହ ପରେ ନିଜ କାମକୁ ଏଥିପାଇଁ ଛାଡ଼ିଦେଲେ ଯେ ସେମାନେ ପିଲାମାନଙ୍କର ଦେଖାଶୁଣା ଏବଂ ତାଙ୍କର ତର୍‌ବିୟତ୍ କରିପାରିବେ । ସେଥିଯୋଗୁଁ ଏହି ଧନ୍ଦାମୂଳକ ଇଛାଠାରୁ ଅଧିକ ଗୁରୁତ୍ୱ ପିଲାମାନଙ୍କର ଶିକ୍ଷା ଓ ତର୍‌ବିୟତ୍‌କୁ ଦେଲେ ଏବଂ ଯେତେବେଳେ ପିଲାମାନେ ବଡ଼ ହୋଇଗଲେ ପୁଣି ସେମାନେ ପୁନର୍ବାର ନିଜ ଫିଲ୍ଡ୍‌ରେ କାମ କରିବା ଆରମ୍ଭ କରିଦେଲେ ଏବଂ ଏହିପରି ମା ମାନଙ୍କର ପିଲାମାନେ ଦୀନ୍ ଓ ଦୁନିଆରେ ସାଧାରଣତଃ ଉତ୍ତମ ପ୍ରମାଣିତ ହେଉଛନ୍ତି । ଏବଂ ଭୌତିକ ସମସ୍ୟାରୁ ମଧ୍ୟ ମୁକ୍ତ ଅଛନ୍ତି । କ୍ରମଶଃ....

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢ଼ିନେବେ ।**

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.2 Thursday 26 OCT 2017 Issue No. 43

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.300/- (Per Issue:Rs.6/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ (ଅଗଷ୍ଟ ୨୦୧୭)

*(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)*

**୨୪ ଅଗଷ୍ଟ ୨୦୧୭ (ଗୁରବାର)**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରତ୍ୟୁଷ ୫:୨୫ ମି. ରେ ଆସି ନମାଜ ଫଜର ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ନିଜ ଆବାସ ସ୍ଥଳୀକୁ ପ୍ରତ୍ୟାଗମନ କଲେ । ସକାଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍‌ତରି ଡାକ, ଚିଠି ଏବଂ ରିପୋର୍ଟସ୍ ଇତ୍ୟାଦି ଦେଖିଲେ ଏବଂ ନିର୍ଦ୍ଦେଶାନାମା ଦେଲେ । ଏହିପରି ବିଭିନ୍ନ ଦଫତରି କାର୍ଯ୍ୟରେ ଲିପ୍ତ ରହିଲେ ।

ଦିବା ୨:୦୦ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜୋହର୍ ଏବଂ ଅସର୍ ନମାଜ ପାଠ କରିବା ପାଇଁ ଆସିଲେ ।

**ନମାଜ ଯନାଜାଃ ହାଜିର୍ ଓ ଗାଏବ୍**

ନମାଜ ପଢ଼ାଇବା ପୂର୍ବରୁ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିମ୍ନଲିଖିତ ଦୁଇଜଣ ମର୍‌ହୁମିନ୍‌ଙ୍କ ନମାଜ ଯନାଜାଃ ହାଜିର୍ ଏବଂ ଜଣେ ମର୍‌ହୁମ୍‌ଙ୍କର ନମାଜ ଯନାଜାଃ ଗାଏବ୍ ପଢ଼ାଇଲେ ।

(୧) ମୋକରମ୍ ଫଜଲେ ଇଲାହି ତାହେର୍ ସାହେବ୍‌ଙ୍କ ନମାଜ ଯନାଜାଃ ହାଜିର୍ ପଢ଼ାଇଲେ । ସେ ୨୨ ଅଗଷ୍ଟ ୨୦୧୭ ମଙ୍ଗଳବାର ଦିନ କିଛି ଦିନ ବେମାର ପଡ଼ିବା ପରେ ଅଲ୍ଲାଃଙ୍କ ନିଷ୍ପତି ଦ୍ୱାରା ମୃତ୍ୟୁ ବରଣ କଲେ । ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ । ମର୍‌ହୁମ୍ ମୁସି ଥିଲେ ଏବଂ ହଜରତ୍ ମିଆଁ କରିମ୍ ବଖ୍‌ଶ ସାହେବ ନଙ୍ଗଲି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ସାହାବିଙ୍କ ନାତି ଥିଲେ । ମର୍‌ହୁମ୍ ନିଜ କାରବାର ସମ୍ବନ୍ଧରେ ବହୁତ ଦିନରୁ ଫଇସଲାବାଦରେ ରହିଆସୁଥିଲେ ଏବଂ ସେଠାରେ ନାଏବ୍ ନାଜିମ୍ ତର୍‌ବିୟତ୍ ଇଲାକା ଫଇସଲାବାଦ୍‌ର ଖିଦ୍‌ମତ୍ କରିଆସୁଥିଲେ ।

(୨) ମୋକରମା କୁଲ୍‌ସୁମ୍ ବେଗମ୍ ସାହିବା (ଜର୍ମାନୀ) ଙ୍କ ନମାଜ ଯନାଜାଃ ହାଜିର୍ ପଢ଼ାଇଲେ ସେ ୨୩ ଅଗଷ୍ଟ ୨୦୧୭ କୁ ଅଠାଅଶୀ ବର୍ଷ ବୟସରେ ଗୋଟିଏ ବେମାରୀ ପରେ ମୃତ୍ୟୁବରଣ କଲେ । ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ । ମର୍‌ହୁମା ମାଲି କୁର୍‌ବାନୀରେ ବଢ଼ି ଚଢ଼ି କରି ଭାଗ ନେଉଥିଲେ । ନିଜ ବିବାହ ପୂର୍ବରୁ ନିଜାମେ ଓ୍ୱସିୟତ୍‌ରେ ସାମିଲ୍ ହୋଇଥିଲେ ।

(୩) ମୋକରମ୍ ଇଦ୍‌ରିସ୍ ଅହେମଦ୍ ଚୌଧୁରୀ ସାହେବ୍ (ଜର୍ମାନୀ) ଙ୍କ ନମାଜ ଯନାଜାଃ ଗାଏବ୍ ପଢ଼ାଇଲେ । ମର୍‌ହୁମ୍ ୧୩ ଅଗଷ୍ଟ ୨୦୧୭ ଦିନ ମୃତ୍ୟୁ ବରଣ କଲେ । ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ । ମର୍‌ହୁମ୍‌ଙ୍କୁ ଅଲ୍ଲାଃତାଲାଙ୍କ ଦୟାବଳରୁ ପାଖାପାଖି ୧୪ ବର୍ଷ ସଦର ଯମାତ **Bad Segeberg** ର ଖିଦ୍‌ମତ୍ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । ମର୍‌ହୁମ୍ ଅତ୍ୟନ୍ତ ନିଷ୍ଠାପର ଏବଂ ଆକ୍ଟିଭ୍ କାର୍‌କୁନ୍ ଥିଲେ । ସବୁବେଳେ ବିଭିନ୍ନ ଯମାତି ବିଭାଗରେ ସେବା କରିବା ନିମନ୍ତେ ତତ୍‌ପର ରହୁଥିଲେ । ଅଭାବି ଲୋକଙ୍କ ପାଇଁ ଦରଦ ରଖୁଥିଲେ ଏବଂ ତାଙ୍କୁ ସାହାଯ୍ୟ କରିବା ପାଇଁ ସର୍ବଦା ତତ୍ପର ରହୁଥିଲେ ।

ଅଲ୍ଲାଃତାଲା ମର୍‌ହୁମିନ୍ ମାନଙ୍କୁ ଉଚ୍ଚସ୍ଥାନ ପ୍ରଦାନ କରନ୍ତୁ ଆମିନ୍ । ହଜୁର୍ ଅ:ବ:ଅ ମର୍‌ହୁମିନ୍ ମାନଙ୍କ ଉତରାଧିକାରୀଙ୍କୁ ଶାନ୍ତ୍ୱନା ଦେଲେ ଏବଂ ତାଙ୍କ ସହିତ ହାତ ମିଳାଇଲେ । ଏହାପରେ ହଜୁର୍ ମସ୍‌ଜିଦ୍‌ର ହଲ୍‌ରେ ପ୍ରବେଶ କଲେ ଓ ନମାଜ ଜୋହର୍ ଏବଂ ଅସର୍ ଏକତ୍ର କରି ପଢ଼ାଇଲେ । ତା ପରେ ହଜୁର୍ ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

**KARLSRUHE ନିମନ୍ତେ ଗସ୍ତ**

ଆଜି ପ୍ରୋଗ୍ରାମ୍ ମୁତାବକ ଜଲ୍‌ସାଗାଃ KARLSRUHE ନିମନ୍ତେ ଗସ୍ତ କରିବାର ଥିଲା । ୫:୩୫ ମି. ରେ ହଜୁର୍ ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ଆସିଲେ ଓ ଦୁଆ କରାଇଲେ । କାଫିଲା ସେହି **KARLSRUHE** ସହର ଆଡ଼କୁ ଗସ୍ତ କଲା । ବଇତୁଲ୍ ସବୁହୁ ଫ୍ରାଙ୍କ୍‌ଫର୍ଟ୍‌ରୁ **KARLSRUHE** ସହରର ବ୍ୟବଧାନ ୧୬୦ କି.ମି. । ଏହା ସେହି ସ୍ଥାନ ଯେଉଁଠି ଜଲ୍‌ସା ହୁଏ ଏବଂ ତାକୁ **K.Messe** କୁହାଯାଏ । ଏହାର ସମ୍ପୂର୍ଣ୍ଣ କ୍ଷେତ୍ରଫଳ ୧୫୦୦୦୦ ସ୍କୋୟାର୍ ମିଟର୍ ଅଟେ । ଏବଂ ଏହାକୁ ଆବରଣ କରିଥିବା ଭାଗ ହେଉଛି ୭୦୦୦୦ ସ୍କୋୟାର୍ ମିଟର୍ । ଏଥିରେ ୪ ଟି ବଡ଼ ହଲ୍ ଅଛି ଏବଂ ଏହି ୪ ଟି ହଲ୍ ଏୟାର୍ କଣ୍ଡିସନ୍ ଅଛି । ପ୍ରତ୍ୟେକ ହଲ୍‌ର କ୍ଷେତ୍ରଫଳ ୧୨୫୦ ସ୍କୋୟାର୍ ମିଟର୍ ଏବଂ ପ୍ରତ୍ୟେକ ହଲ୍‌ରେ ଚେୟାର୍ ଉପରେ ୧୨୦୦୦ ଲୋକ ବସିପାରିବେ । ଏବଂ ପ୍ରତ୍ୟେକ ହଲ୍‌ରେ ୧୮୦୦୦ ରୁ ଅଧିକ ଲୋକ ନମାଜ ପଢ଼ିପାରିବେ । ସବୁତକ ମିଶି ଏହି ଚାରିଗୋଟି ହଲ୍ ସହିତ ସଂଲଗ୍ନ ୧୨୮ ଟି ପାଇଖାନା ଅଛି । ଏତଦ୍‌ବ୍ୟତୀତ ଏହି ଏରିଆ ଭିତରେ ବହୁତ ଗୁଡିଏ ଦଫ୍‌ତର୍ ଅଛି ଏବଂ ବହୁତ ଗୁଡିଏ ଛୋଟ ଛୋଟ ହଲ୍ ମଧ୍ୟ ଅଛି । ଏଠି ଦଶ ହଜାର୍ ଗାଡ଼ି ପାର୍କିଂ କରିବାର ସ୍ଥାନ ଅଛି । ପାଖାପାଖି ଦୁଇ ଘଂଟା ଯାତ୍ରା ପରେ ୭:୩୫ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜଲ୍‌ସାଗାଃରେ ପହଂଚିଲେ । ଜଲ୍‌ସା ସାଲାନାର ଇନ୍ତେଜାମିଆ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କୁ ସ୍ୱାଗତ ଜଣାଇଲେ । ଯେତେବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଏହି ଭବନ ଭିତରେ ପ୍ରବେଶ କଲେ ସେତେବେଳେ କାର୍‌କୁନ୍‌ମାନେ ବହୁତ ଉତ୍ସାହିତ ହୋଇ ନାରା ଲଗାଇଲେ ।

**ଜଲ୍‌ସା ସାଲାନାର ବ୍ୟବସ୍ଥା ଗୁଡିକର ପର୍ଯ୍ୟବେକ୍ଷଣ**

ଏହାପରେ ପ୍ରୋଗ୍ରାମ୍ ମୁତାବକ ଜଲ୍‌ସା ସାଲାନାର ବ୍ୟବସ୍ଥାର ପର୍ଯ୍ୟବେକ୍ଷଣ କାର୍ଯ୍ୟ ଆରମ୍ଭ ହେଲା । ଜଲ୍‌ସା ସାଲାନାର ନାଏବ୍ ଅଫିସର୍‌ମାନେ ଗୋଟିଏ ଧାଡ଼ିରେ ଛିଡ଼ା ହୋଇଥିଲେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ସ୍ନେହର ସହିତ ନିଜ ହାତ ଉଠାଇ ଅସ୍‌ସଲାମୋ ଆଲୈକୁମ୍ କହିଲେ । ସର୍ବପ୍ରଥମେ ହଜୁର୍ ଅ:ବ:ଅ ସିକ୍ୟୁରିଟି ଅପରେସନ୍ ସେଂଟର୍‌ର ପର୍ଯ୍ୟବେକ୍ଷଣ କଲେ । ଯେଉଁଠି ଜଲ୍‌ସାଗାଃର ସମସ୍ତ ଗୁରୁତ୍ୱପୁର୍ଣ୍ଣ ଭାଗକୁ ବିଭିନ୍ନ ସ୍ଥାନରେ ଲଗାଯାଇଥିବା ସିକ୍ୟୁରିଟି କ୍ୟାମେରା ସାହାଯ୍ୟରେ ଓ୍ୱାଚ୍ କରାଯାଉଥିଲା । ଏହିପରି ସିକ୍ୟୁରିଟି ଦୃଷ୍ଟିକୋଣରୁ ଜଲ୍‌ସାଗାଃର ପ୍ରତ୍ୟେକ ସ୍ଥାନ ଉପରେ ଦୃଷ୍ଟି ରଖାଯାଉଥିଲା ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ସ୍କାନିଂ ସିଷ୍ଟମ୍ ପାଖରେ ଯାଇ ଏମ୍.ଟି.ଏ ଇଂଟର୍‌ନ୍ୟାସିନାଲ୍ ବିଭାଗର ପ୍ରୋଗ୍ରାମିଂ ଓ ଏଡ଼ିଟିଂ ହେଉଥିବା ସ୍ଥଳୀକୁ ଗଲେ । ଏହି ବିଭାଗର ଅଧିନରେ ନିମ୍ନଲିଖିତ ବିଭାଗ କାମ କରୁଅଛି । ଅଫ୍‌ଲାଇନ୍, ଏଡିଟିଂ, ଗ୍ରାଫିକ୍‌ସ, ସୋସିଆଲ୍ ମିଡ଼ିଆ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ମୁନ୍‌ତଜମିନ୍ ଙ୍କ ଠାରୁ କିଛି କଥା ପଚାରି ବୁଝିଲେ । ଏହାପରେ ହଜୁର୍ ଅନୁଓ୍ୱର୍ ପ୍ରଧାନ ହଲ୍‌ର୍ ବାହାରେ ଲଗାଯାଇଥିବା ଟେଂଟ୍‌ରେ ଅନୁବାଦ ବିଭାଗରେ ପ୍ରବେଶ କଲେ । ଯେଉଁଠି ବିଭିନ୍ନ ଭାଷାରେ ଜଲ୍‌ସା ସାଲାନାର ସମସ୍ତ ପ୍ରୋଗ୍ରାମ୍ ଗୁଡିକୁ ଏବଂ ତକ୍‌ରିର୍ ଗୁଡିକର ଅନୁବାଦ ସିଧା ପ୍ରସାରଣ ହେଉଥିଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଏମ୍.ଟି.ଏ ଇଂଟର୍‌ନ୍ୟାସ୍‌ନାଲ୍‌ର ସେହି ଓ୍ୱିଙ୍ଗ୍‌ରେ ମଧ୍ୟ ପ୍ରବେଶ କଲେ ଯେଉଁଠି ଆଉଟ୍ ସାଇଟ୍ ବ୍ରଡ୍‌କାଷ୍ଟ୍ ୟୁନିଟ୍ ସ୍ଥାପନ କରାଯାଇଥିଲା ।

ଏହାପରେ ହଜୁର୍ ଅନୁଓ୍ୱର୍ ସେହି ଷ୍ଟୋର୍ ପାଖକୁ ଗଲେ ଯେଉଁଠି ଖାଦ୍ୟପେୟ ଏବଂ ବ୍ୟବହାର ହୋଇଥିବା ବିଭିନ୍ନ ବସ୍ତୁଗୁଡିକୁ ଷ୍ଟୋର୍ ରେ ରଖାଯାଇଥିଲା । ଏଠାରୁ ଆବଶ୍ୟକ ମୁତାବକ ଏହି ଜିନିଷଗୁଡିକ ବିଭିନ୍ନ ବିଭାଗକୁ ଦିଆଯାଉଥିଲା । ହଜୁର ଅନୁଓ୍ୱର୍ ମୁନ୍‌ତଜିମିନ୍ ଙ୍କ ଠାରୁ କିଛି ଜିନିଷ ପ୍ରସଙ୍ଗରେ ପଚାରି ବୁଝିଲେ ।

ଏହାପରେ ହଜୁର୍ ଲଙ୍ଗର୍‌ଖାନାର ନିରୀକ୍ଷଣ କଲେ । ସର୍ବପ୍ରଥମେ ହଜୁର୍ ମାଂସ କାଟିବା ବିଷୟ ଏବଂ ତାକୁ କିପରି ଏକ ନିର୍ଦ୍ଧାରିତ ଟେମ୍ପରଚର୍‌ରେ ସୁରକ୍ଷିତ ରଖାଯାଇପାରିବ ସେ ବିଷୟରେ ନିରୀକ୍ଷଣ କଲେ । ସେଥିପାଇଁ ଗୋଟିଏ କଂଟେନର୍ ଭଳି ଫ୍ରିଜର୍ ହାସଲ୍ କରାଯାଇଛି ଯେଉଁଥିରେ ଟନ୍ ଟନ୍ ହିସାବରେ ମାଂସ ରଖାଯାଇପାରିବ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଖାଦ୍ୟ ପ୍ରସ୍ତୁତିର ବ୍ୟବସ୍ଥାଗୁଡିକର ଅବଲୋକନ କଲେ ଏବଂ ଖାଦ୍ୟର ମାନକୁ ଦେଖିଲେ । ଡାଲି ଏବଂ ଆଳୁ ମାଂସର ତରକାରୀ ପ୍ରସ୍ତୁତ ହୋଇସାରିଥିଲା । ତା ସହିତ ସେହି ନାନ୍ ମଧ୍ୟ ରଖାଯାଇଥିଲା ଯାହାକୁ ଅତିଥିମାନଙ୍କୁ ଦିଆଯିବାର ଥିଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ଶ୍ରଦ୍ଧାର ସହିତ ଡାଲି ଏବଂ ଆଳୁ ମାଂସ ଦୁଇଟିରୁ କିଛି ଗୁଣ୍ଡା ନେଇ ଖାଇଲେ ଏବଂ ଏ କଥାର ଅବଲୋକନ କଲେ ଯେ ଦୁଇଟିଯାକ ତରକାରୀ ସଠିକ୍ ରୂପେ ହୋଇଛି ବା ହୋଇନାହିଁ । ହଜୁର୍ ଅନୁଓ୍ୱର୍ ଖାଦ୍ୟର ମାନ ବିଷୟରେ ମୁନ୍‌ତଜମିନ୍ ଙ୍କ ସହିତ କଥାବାର୍ତା ହେଲେ । ଲଙ୍ଗର୍‌ଖାନାର କାର୍‌କୁନ୍‌ମାନେ ଗୋଟିଏ ବଡ଼ ସାଇଜ୍‌ର କେକ୍

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ.......*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan